## ସଂକ୍ଷେପରେ

### ୨ ବଖରା ଘର ଜଳିଗଲା

ଚଣ୍ଡିଖୋଲ,୧୨।୨(ଡି.ଏନ.ଏ.): ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବଡ଼ଚଣା ଗ୍ରାମରେ ନିଆଁ ଲାଗି ୨ ବଖରା ଘର ଜଳିଯାଇଛି। ଗ୍ରାମର ସଚ୍ଚିଦାନନ୍ଦ ସାମଲଙ୍କ ଘରେ ରବିବାର ରୋଷେଇ ହେଉଥିବା ସମୟରେ ହଠାତ ଚୁଲିରୁ ନିଆଁ ଡେଇଁ ଘର ଚାଳରେ ଲାଗି ଯାଇଥିଲା। ଚାହୁଁଚାହୁଁ ନିଆଁ ଚାରି ଆଡ଼କୁ ବ୍ୟାପୀ ଯାଇଥିଲା। ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ ସଫଳ ହୋଇ ନ ଥିଲେ। ଚଣ୍ଡିଖୋଲ ଅଗ୍ନିଶମ ବାହିନୀକୁ ଖବର ଦେବାପରେ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ତାଙ୍କର ୨ ବଖରା ଘର ସମ୍ପୂର୍ଣ୍ଣ ଧ୍ୱଂସ ପାଇ ଯାଇଥିଲା। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ତେଣୁ ବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଦାବି ହୋଇଛି।

### ଜଳୁଛି ଅନ୍ଧାରୀ ଜଙ୍ଗଲ

ସାରସକଣା,୧୨।୨(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ପୁନାସିଆ ନିକଟସ୍ଥ ଅନ୍ଧାରୀ ଜଙ୍ଗଲରେ ନିଆଁ ଲାଗିଛି। ଏହି ନିଆଁ ଜଙ୍ଗଲ ସଂଲଗ୍ନ ଗାଁକୁ ବ୍ୟାପିବାର ଆଶଙ୍କା ପ୍ରକାଶ ପାଇଛି। ଏନେଇ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଦେଉଳି ରେଞ୍ଜ ଅନ୍ତର୍ଗତ ଏହି ଜଙ୍ଗଲରେ ରବିବାର ଅପରାହ୍ନରେ ନିଆଁ ଲାଗି ଯାଇଥିଲା। ପ୍ରାୟ ୨ କି.ମି. ପରିବ୍ୟାପ୍ତ ଅଞ୍ଚଳ ଜଳୁଥିବା ଦେଖିବାକୁ ମିଳିଛି। ଗାଁକୁ ନିଆଁ ବ୍ୟାପୁଥିବା ଦେଖି ଗ୍ରାମବାସୀ ଗଛ ଡାଳ ସାହାଯ୍ୟରେ ଲିଭାଇବାକୁ ଚେଷ୍ଟା ଜାରି ରଖିଛନ୍ତି। କୁଲିଅଣା ଫରେଷ୍ଟର ସୁମିତା କଲିଆଙ୍କୁ ପଚାରିବାରୁ ବିଭାଗୀୟ କର୍ମଚାରୀ ତୁରନ୍ତ ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟରେ ଲାଗିବେ ବୋଲି ସୂଚନା ଦେଇଥିଲେ।

### ଉଦ୍ଧାର ହରିଣର ଜୀବନ ଗଲା

ଠାକୁରମୁଣ୍ଡା,୧୨।୨(ଡି.ଏନ.ଏ.): ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଭରାଣ୍ଡିହା ପଞ୍ଚାୟତ ର୍ଦିବ ଗ୍ରାମରୁ ଶନିବାର ରାତିରେ ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଥିବା ହରିଣର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, କୁକୁର କବଳରୁ ବର୍ତ୍ତିବା ପାଇଁ ହରିଣଟି ଗ୍ରାମ ଭିତରକୁ ପଶି ଆସିଥିଲା। କୁକୁର ଆକ୍ରମଣରେ ଆହତ ହୋଇଥିବା ହରିଣକୁ ଦେଖି ଗ୍ରାମବାସୀ ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ କର୍ମଚାରୀ ପହଞ୍ଚି ହରିଣକୁ ଚିକିତ୍ସା ପାଇଁ ପଶୁ ଚିକିତ୍ସାଳୟକୁ ନେବା ସମୟରେ ବାଟରେ ତାର ମୃତ୍ୟୁ ହୋଇଥିଲା। ରବିବାର ଠାକୁରମୁଣ୍ଡା ପ୍ରାଣୀ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପୋତି ଦିଆଯାଇଥିବା ସୂଚନା ମିଳିଛି।

### ବେପାରୀଙ୍କୁ ନିଶା ଦେଇ ଲୁଟ

ଆନନ୍ଦପୁର,୧୨।୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଞ୍ଚଳରେ ଜଣେ ମୁଢ଼ି ବେପାରୀଙ୍କୁ ଚାରେ ନିଶା ଦେଇ ଲୁଟ୍ ହୋଇଛି। ଥାନା ଅଧୀନ ଫକୀରପୁରର କାହ୍ନୁ ନାହାକ ଲୁଟର ଶିକାର ହୋଇଛନ୍ତି। ସେ ସବୁଦିନ ପରି ଶନିବାର ସକାଳୁ ବେପାର ପାଇଁ ଘରୁ ବାହାରି ଆସିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ଘର ଲୋକେ ଖୋଜାଖୋଜି କରିଥିଲେ। କାହ୍ନୁ ଚଉମୁହଁ ଗାଁ ନିକଟରେ ଅଚେତ ଅବସ୍ଥାରେ ପଡ଼ିଥିବା ଘସିପୁରା ପୋଲିସ ଖବର ପାଇଥିଲା। ତାଙ୍କୁ ଉଦ୍ଧାର କରି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଦୁର୍ବୃତ୍ତ ନିଶା ଦେଇ ଏଭଳି ଲୁଟ୍ କରିଥିବା ଘସିପୁରା ଥାନା ଅଧିକାରୀ ବିକ୍ରମ ଭୁୟାଁ ସୂଚନା ଦେଇଛନ୍ତି।

# ବାଲି ଚୋରାଚାଲାଣ ଅଣାୟତ୍ତ

**ଚୋରାଚାଲାଣକାରୀ, ରାଜସ୍ୱ କର୍ମଚାରୀଙ୍କ ଅସାଧୁ ମେଣ୍ଟ**

କୋରେଇ,୧୨।୨(ଡି.ଏନ୍.ଏ.):



ଯାଜପୁର ଜିଲାର ବିଭିନ୍ନ ନଦୀନାଳରୁ ବାଲି ଉତ୍ତୋଳନ ଉପରେ ସରକାରୀ କଳର ନିୟନ୍ତ୍ରଣ ଅଭାବରୁ ଚୋରାଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଫଳରେ ସରକାର ବିପୁଳ ରାଜସ୍ୱ ହରାଉଛନ୍ତି। ଜିଲାରେ ୧୦ ତହସିଲ ମଧ୍ୟରୁ ବ୍ୟାସନଗର ଅନ୍ୟତମ। ଏହି ତହସିଲ ଅନ୍ତର୍ଗତ କୋରେଇ ଅଞ୍ଚଳରେ ବାଲି, ମାଟି, ମାଙ୍କଡ଼ା, ମୋରମ ଆଦି ଲଘୁ ଖଣିଜ ଦ୍ରବ୍ୟ ବ୍ୟାପକ ଭାବେ ମାଫିଆଙ୍କ ଦ୍ୱାରା ହରିଲୁଟ ଚାଲିଛି। ବ୍ୟାସନଗର ତହସିଲ ଓ ଏହା ଅଧୀନ ୧୪ଟି ଆରଆଇ ସର୍କଲ କର୍ତ୍ତୃପକ୍ଷ ଏହାକୁ ରୋକିବାରେ ବିଫଳ ହୋଇଛନ୍ତି। କୋରେଇର ଉତ୍ତରରେ ପ୍ରବାହିତ ବୈତରଣୀ ନଦୀ ପାର୍ଶ୍ୱରେ ବନ୍ଧାଳ, ମକୁନ୍ଦପୁର, ରଣପୁର, ଗୌରୁପୁର, ଅସନଝର, ବରୁଣ୍ଡେଇ, କରଦା, ମୂଳାପାଳ, ପାଣିକୋଇଲି ଓ ଦକ୍ଷିଣରେ ଥିବା ଖରସ୍ରୋତା ନଦୀ ପାର୍ଶ୍ୱ ବଡ଼ବିରୁଆଁ, ପହଙ୍ଗା, ରାଉତରାପୁର ଆଦି ପଞ୍ଚାୟତରେ ବାଲି, ନଦୀମାଟି ଭରପୂର ଥିବାବେଳେ ଅନ୍ଧାରୀ, ପାଟରଙ୍ଗା, ପଚ୍ଛିକୋଟ, ତଳଗଡ଼, କନ୍ତୋର ଆଦି ପଞ୍ଚାୟତରେ ମୋରମ ଓ ମାଙ୍କଡ଼ାପଥର ବହୁ ପରିମାଣରେ ଗଚ୍ଛିତ ରହିଛି। ବ୍ୟାସନଗର ତହସିଲ ପକ୍ଷରୁ ଏହି ସବୁ ଅଞ୍ଚଳରେ ଥିବା ଲଘୁ ଖଣିଜକୁ ନିଲାମ କରାଯାଇଛି। ହେଲେ ବିଡମ୍ବନା ଯେ, କିଛି ବର୍ଷ ହେବ ଅଳ୍ପ କେତୋଟି ଲଘୁ ଖଣିଜ ସୈରାତକୁ ନିଲାମ କରାଯାଇଛି। ବାକି ସୈରାତରୁ ବିପୁଳ ପରିମାଣର ବାଲି ବେଆଇନ ଭାବେ ଉତ୍ତୋଳନ ହେଉଛି। ଏହିସବୁ ଖଣିଜ ପଦାର୍ଥ ଲୁଟିବାରେ ଚୋରାଚାଲାଣକାରୀ ଏବଂ ରାଜସ୍ୱ ଅଧିକାରୀଙ୍କ ମଧ୍ୟରେ ଅସାଧୁ ମେଣ୍ଟ ଗଢ଼ିଉଠିଥିବା ଅଭିଯୋଗ ହେଉଛି। ଏହା ବିରୋଧରେ କୋରେଇ ସଂଗ୍ରାମ ସମିତି ପକ୍ଷରୁ ଏକାଧିକ ଥର ଆନ୍ଦୋଳନ ହୋଇଥିଲେ ହେଁ ସରକାରୀ କଳକୁ ଆଦୌ ପ୍ରଭାବ ପଡ଼ି ନ ଥିବା ମନେ ହେଉଛି। ବିଶେଷକରି ରାତି ସମୟରେ ଏହି ଲୁଟ କାର୍ଯ୍ୟ ଜୋର ଧରୁଛି। ଏହାଛଡା ନଦୀପାର୍ଶ୍ୱରେ ଥିବା ଅନେକ ଗାଁ ତଥା ନଦୀଶଯ୍ୟାରେ ଶତାଧିକ ଇଟାଭାଟି ଗଢ଼ିଉଠିଛି। ଚମିନି ଇଟାଭାଟି ଗୁଡ଼ିକ ୨୦୧୦ରୁ ବେଆଇନ ଘୋଷଣା କରାଯାଇଛି। ହେଲେ ବ୍ୟାସନଗର ତହସିଲ ଅଧୀନରେ ଏବେ ବି ଚିମିନି ଇଟାଭାଟି ଚାଲିଥିବା ଦେଖିବାକୁ ମିଳିଛି। ଏଥିପାଇଁ ଆବଶ୍ୟକ ମାଟି ଓ ବାଲି ନଦୀପଠାରୁ ସଂଗ୍ରହ ହେଉଥିବାରୁ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ନଦୀକୂଳିଆ ଅଞ୍ଚଳ ପ୍ରତି ବିପଦ ସୃଷ୍ଟି ହେଉଛି। ଏଥିରେ ବହୁତ ଦିନ ଧରି ନିଆଁ ଲଗାଯାଉଥିବାରୁ ଜଙ୍ଗଲ ନଷ୍ଟ ହେବା ସହ ଉତ୍ତପ୍ତ ବଳୟ ସୃଷ୍ଟି ହୋଇ ଧୂଳିଧୂଆଁରେ ଅଞ୍ଚଳବାସୀ ଅତିଷ୍ଠ ହୋଇପଡ଼ିଛନ୍ତି। ରଣପୁରଠାରୁ ମୂଳପାଳ ପଞ୍ଚାୟତ ପର୍ଯ୍ୟନ୍ତ ବୈତରଣୀ ନଦୀ ପାର୍ଶ୍ୱରେ ଅନେକ ବେଆଇନ ବାଲି ଘାଟ ଚାଲିଥିବା ଅଭିଯୋଗ ହେଉଛି। ମାଫିଆମାନେ ନଦୀ ବନ୍ଧକୁ ତାଡ଼ି ବାଲି ପରିବହନ କରୁଥିବା ଅଭିଯୋଗ ହେଉଛି। ଅଭିଯୋଗ ହେଲେ ତହସିଲ ଓ କୋରେଇ ଥାନା ପକ୍ଷରୁ ଚଢ଼ାଉ କରାଯାଇ କାଁ ଭାଁ ଗାଡ଼ିକୁ ଧରି ଜରିମାନା ଆଦାୟ କରି ଛାଡ଼ି ଦିଆଯାଉଛି। ଫଳରେ ମାଫିଆଙ୍କ ଉପରେ ଏହାର କୌଣସି ପ୍ରଭାବ ପଡୁ ନ ଥିବାବେଳେ ବେଆଇନ କାର୍ଯ୍ୟ ବଳବତ୍ତର ରହୁଛି। ଏନେଇ ରଣପୁର ଆରଆଇ ରବିନାରାୟଣ କରଙ୍କୁ ପଚାରିବାରେ ସେ କିଛି ଜାଣି ନ ଥିବା ପ୍ରକାଶ କରିଛନ୍ତି। ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝୀ ଫୋନ୍ କଲ ଗ୍ରହଣ କରି ନ ଥିବାରୁ ତାଙ୍କ ମତାମତ ମିଳିପାରିନାହିଁ। ଏଥିପ୍ରତି ଯାଜପୁର ଜିଲାପାଳ ଦୃଷ୍ଟି ଦେଇ ବେଆଇନ ଚୋରାଚାଲାଣକୁ ରୋକ ଲଗାଇବାକୁ ସାଧାରଣରେ ଦାବି ହେଉଛି।

# ନକ୍ସା ଅନୁମୋଦିତ, କାର୍ଯ୍ୟ ଆରମ୍ଭ ଆଶା

**ଯାଜପୁର ରୋଡ୍ ଫ୍ଲାଏଓଭର ପ୍ରସଙ୍ଗ**

ଯାଜପୁର ଅଫିସ,୧୨।୨

ଯାଜପୁର-କେନ୍ଦୁଝର ରୋଡ୍ ରେଳଷ୍ଟେଶନର ସାଇ ମନ୍ଦିର ନିକଟସ୍ଥ ତଥା ୧୪୨ ନମ୍ବର ରେଳ ଫାଟକରେ ପ୍ରସ୍ତାବିତ ଫ୍ଲାଏଓଭର ବ୍ରିଜ୍ ଏବଂ ଲିମିଟେଡ୍ ହାଇଟ୍ ସବ୍‌ୱେ(ଏଲ୍‌ଏଚ୍‌ଏସ୍) ପାଇଁ ନକ୍ସା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଛି। ଉଭୟ ସରକାର ସମାନ ଭାଗରେ ଖର୍ଚ୍ଚ ବହନ କରିବେ। ତେବେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ବାକି ଅଂଶ ନିର୍ମାଣ ସମ୍ପର୍କିତ ଅନୁମୋଦନକୁ ଅପେକ୍ଷା କରାଯାଇଛି ବୋଲି ପୂର୍ବତଟ ରେଳୱେର ଡିଭିଜନାଲ ଇଞ୍ଜିନିୟର ଗତ ୮ ତାରିଖରେ ଆବେଦନକାରୀ ଜିତେନ୍ଦ୍ର ପ୍ରତିହାରୀଙ୍କୁ ଉତ୍ତର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ, ରାଜ୍ୟ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ପାଣିକୋଇଲିଙ୍କୁ ଏ ସମ୍ପର୍କରେ ଆବେଦନକାରୀ ପ୍ରତିହାରୀ ବ୍ୟକ୍ତିଗତ ଭାବେ ସାକ୍ଷାତ୍ କରି ରାଜ୍ୟ ସରକାରଙ୍କ ପକ୍ଷରୁ ନିର୍ମାଣ ହେବାକୁ ଥିବା ଅଂଶ ସମ୍ପର୍କରେ ଆଲୋଚନା କରିଛନ୍ତି। ଅଧୀକ୍ଷଣ ଯନ୍ତ୍ରୀ ଜମି ଅଧିଗ୍ରହଣ ସମ୍ପର୍କରେ ରାଜସ୍ୱ ବିଭାଗ ସହିତ ଯୋଗାଯୋଗ କରି କାର୍ଯ୍ୟ ଆଗେଇବା ପାଇଁ ସମ୍ପୃକ୍ତ ବିଭାଗଙ୍କ ସହିତ ଯୋଗାଯୋଗ କରିଛନ୍ତି। ସୂଚନାଥାଉକି, ଓଡ଼ିଶା ହାଇକୋର୍ଟରେ ଦାଖଲ ହୋଇଥିବା ଜନସ୍ୱାର୍ଥ ମାମଲା (ନମ୍ବର ୧୪୪୨୫/୧୪)ର ରାୟ ପରିପ୍ରେକ୍ଷୀରେ ଯାଜପୁର ରୋଡ୍ ୧୪୨ ନମ୍ବର ରେଳ ଫାଟକ ନିକଟରେ ଓଭରବ୍ରିଜ୍ ଓ ସ୍ଥାନୀୟ ଗମନାଗମନ ପାଇଁ ରେଳ ଲାଇନ ତଳେ ଏକ ଗଳିପୋଲ ନିର୍ମାଣ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ଭାଗୀଦାରିରେ ନିର୍ମାଣ କରିବା ପାଇଁ ୮୧ କୋଟି ୭୮ ଲକ୍ଷ ଟଙ୍କା ମଞ୍ଜୁର ହୋଇସାରିଛି। ସାଧାରଣ ବ୍ୟବସ୍ଥିତ ନକ୍ସା ଅନୁମୋଦନ ହେବା ଦ୍ୱାରା ଏହି ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ ବୋଲି ଆଶା କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଅନୁଗୋଳ ସୁକିନ୍ଦା ରୋଡ୍ - ଯାଜପୁର ରୋଡ୍ ଲାଇନ୍ ଓ ଖଡ଼ଗପୁର ବିଜୟୱାଡ଼ା ପଣ୍ୟବାହୀ ଲାଇନ୍ ନିର୍ମାଣ କାର୍ଯ୍ୟ ଦ୍ରୁତ ବେଗରେ ଚାଲୁଥିବାରୁ ରେଲୱେ ଫାଟକ ଆଗାମୀ ଦିନରେ ୧୬ରୁ ୨୦ ଘଣ୍ଟା ବ୍ୟସ୍ତ ରହିବ। ଏଣୁ ରେଲୱେ ଓଭରବ୍ରିଜ୍ ଓ ଗଳିପୋଲ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା ପାଇଁ ପ୍ରତିହାରୀ ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ ବିଧାୟିକା ଓ ପ୍ରଧାନଶିକ୍ଷକମାନେ।

ବରୀ,୧୨।୨(ଡି.ଏନ.ଏ.):

ବରୀ ବ୍ଲକ୍ ଅଧୀନ ରାମପୁର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟଠାରେ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ତଥା ଓଷ୍ଟାର ରାଜ୍ୟ ସମ୍ପାଦକ ନିର୍ମଳ କୁମାର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଛାତ୍ରୀଛାତ୍ର ଆଗକୁ ଯିବା ସହ କିଭଳି ସଂସ୍କାରିତ ହେବେ ସେଥିପ୍ରତି ପ୍ରଧାନଶିକ୍ଷକମାନେ ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ।

ମୁଖ୍ୟବକ୍ତା ଭାବେ ମଣ୍ଡଳ ଶିକ୍ଷାଧିକାରୀ ଗୁରୁଚରଣ ଷଡ଼ଙ୍ଗୀ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କଲେ ସେମାନେ ସଫଳତାର ଶୀର୍ଷ ଛୁଇଁ ପାରିବେ ବୋଲି କହିଥିଲେ। ବ୍ଲକ୍ ଓଷ୍ଟାର ସମ୍ପାଦକ ରବୀନ୍ଦ୍ର କୁମାର ପତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଡ. ପ୍ରଭଞ୍ଜନ ପତି, ପ୍ରଧାନଶିକ୍ଷକ ପାବକ ମହାପାତ୍ର, ସୀତାକାନ୍ତ ପଣ୍ଡା, ପ୍ରଫୁଲ୍ଲ ଧଳ, ସୌଭାଗ୍ୟ କୁମାର ନାୟକ ଓ କନକଲତା ଦ୍ୱିବେଦୀ ପ୍ରମୁଖ ମଞ୍ଚାସୀନ ହୋଇ ଶିକ୍ଷା ସମସ୍ୟା ଉପରେ ଆଲୋଚନା କରିଥିଲେ। ଶିକ୍ଷା ମଣ୍ଡଳ ଅଧୀନ ୪୨ ପ୍ରଧାନଶିକ୍ଷକଙ୍କୁ ବ୍ଲକ୍ ଶିକ୍ଷାଧିକାରୀ ଷଡ଼ଙ୍ଗୀ ସମ୍ବର୍ଦ୍ଧିତ କରିଥିଲେ। ଓଷ୍ଟା ପକ୍ଷରୁ ନୂତନ ଭାବେ ଯୋଗଦେଇଥିବା ପ୍ରଧାନଶିକ୍ଷକ ପ୍ରତାପ ପରିଡ଼ା, ପୂର୍ଣ୍ଣଚନ୍ଦ୍ର ପାତ୍ର, ଅଶୋକ କୁମାର ସାମଲ, ଶୁଭେନ୍ଦୁ କୁମାର ସାମଲ, ରତ୍ନାକର ମଲିକ, ଶିବଶଙ୍କର ଜେନା, ଇନ୍ଦ୍ରମଣି ନାୟକ ଓ ନିରୋଦ କୁମାର ପଡ଼ିହାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜେଡି ନେତା ଦେବେନ୍ଦ୍ର ଦାସ ଯୋଗଦେଇ ବରୀର ସୁନାମ ରକ୍ଷା ପାଇଁ ପ୍ରଧାନଶିକ୍ଷକମାନେ ଯତ୍ନବାନ ହେବା ସହିତ ବରୀର ବରପୁତ୍ରଙ୍କ ବିଷୟରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦେବାକୁ ଅନୁରୋଧ କରିଥିଲେ।

# ଏନ୍‌ଏମ୍‌ଏମ୍‌ଏସ୍ ପରୀକ୍ଷା ଦେଲେ ୪୮୮ ଛାତ୍ରୀଛାତ୍ର

ରସୁଲପୁର,୧୨।୨(ଡି.ଏନ.ଏ.):

ଭାରତ ସରକାରଙ୍କ ମାନବସମ୍ବଳ ଉନ୍ନୟନ ମନ୍ତ୍ରାଳୟ ଅଧୀନ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗର ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଏନ୍‌ଏମ୍‌ଏମ୍‌ଏସ୍(ନ୍ୟାଶନାଲ ମେରିଟ୍ କମ୍ ମିନ୍ସ ସ୍କଲାରଶିପ୍)ପରୀକ୍ଷା ରବିବାର ରସୁଲପୁର ବ୍ଲକର ୨ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ଲକର ୨ କେନ୍ଦ୍ର ପାଇଁ ୫୦୧ ପିଲା ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ କ୍ଷେତ୍ରପାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ୨୫୧ ବିଦ୍ୟାର୍ଥୀ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା କରାଯାଇ ଥିଲା। ଉକ୍ତ କେନ୍ଦ୍ରରେ ୨୪୭ଜଣ ପରୀକ୍ଷା ଦେଇଥିବାବେଳେ ମୁଗୁପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୨୫୦ଜଣଙ୍କ ମଧ୍ୟରୁ ୨୪୧ ପିଲା ପରୀକ୍ଷା ଦେଇଥିଲେ। ୧୩ଜଣ ଅନୁପସ୍ଥିତ ଥିଲେ। ଏଠାରେ ପ୍ରଥମ ସିଟିଂରେ ମାନସିକ ଦକ୍ଷତା ପରୀକ୍ଷା ସକାଳ ୧୧ଟାରୁ ସାଢ଼େ ୧୨ଟା ଓ ଦ୍ୱିତୀୟ ସିଟିଂରେ ବିଷୟ ଭିତ୍ତିକ ଦକ୍ଷତା ପରୀକ୍ଷା ଅପରାହ୍ନ ୨ଟାରୁ ସାଢ଼େ ୩ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପରୀକ୍ଷାରେ କୃତକାର୍ଯ୍ୟ ବିଦ୍ୟାର୍ଥୀଙ୍କୁ ବାର୍ଷିକ ୬ହଜାର ଟଙ୍କା ବୃତ୍ତି ମିଳିବ। ଏହି ବୃତ୍ତି ରାଶି ମେଧାବୀ ପିଲାଙ୍କୁ ନବମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଯୋଗାଇ ଦିଆଯିବ ବୋଲି ଜଣାଯାଇଛି।

# ଟ୍ରକ୍ ଚାଳକଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ବଡ଼ବିଲ/ଯୋଡ଼ା,୧୨।୨ (ସ୍ୱ.ପ୍ର./ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ଡିଏଭି ସ୍କୁଲ ନିକଟରେ ଟ୍ରକ୍ ଚାଳକଙ୍କୁ ମରଣାନ୍ତକ ଆକ୍ରମଣ କରି ମୋବାଇଲ ଓ ଟଙ୍କା ଲୁଟ୍ ଅଭିଯୋଗ ହୋଇଛି। ଘଟଣାରେ ଯୋଡ଼ା ପୋଲିସ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଯୋଡ଼ା ହନୁମାନ ହଟିଂର ସାଗର ମୁଣ୍ଡା। ସୂଚନା ଅନୁଯାୟୀ, ବଡ଼ବିଲ ଅଞ୍ଚଳରେ ରହୁଥିବା ରବି ଶର୍ମାଙ୍କ ଟ୍ରକକୁ ଚାଳକ ନାଗୁ ଯାଦବ ନେଇ ବଡ଼ବିଲ ଅଭିମୁଖେ ଆସୁଥିଲେ। ଡିଏଭି ସ୍କୁଲ ନିକଟରେ ଦୁର୍ବୃତ୍ତ ଟ୍ରକ୍‌କୁ ଅଟକାଇ ତାଙ୍କୁ ଆକ୍ରମଣ କରି ମୋବାଇଲ ଓ ୮ହଜାର ଟଙ୍କା ନେଇ ଯାତ୍ରୀବାହୀ ବସରେ ଚଢ଼ି ଯାଇଥିଲେ। ବସ୍ ଚାଳକ ଜଣକ ସାହାସିକତା ଦେଖାଇ ଜଣେ ଦୁର୍ବୃତ୍ତଙ୍କୁ କାବୁ କରିନେଇଥିବା ବେଳେ ଅନ୍ୟ ଦୁର୍ବୃତ୍ତ ଖସି ଯିବାକୁ ସକ୍ଷମ ହୋଇଥିଲେ। ଖବର ପାଇ ଟ୍ରକ୍ ମାଲିକ ସେଠାରେ ପହଞ୍ଚି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଅଭିଯୁକ୍ତ ସାଗରଙ୍କୁ ଗିରଫ କରି ତାଙ୍କ ନିକଟରୁ ମୋବାଇଲ ଜବତ କରିଛି। ଏ ନେଇ ଯୋଡ଼ା ଥାନାରେ (ନଂ ୫୧/୨୦୨୩)ରେ ମାମଲା ରୁଜୁ ହୋଇଛି।

# ଟାଟା ମ୍ୟାଜିକ୍ ଓଲଟି ୩ ଗୁରୁତର, ୮ ଆହତ

ଆନନ୍ଦପୁର,୧୨।୨ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ଥାନା ୨୦ ନଂ. ଜାତୀୟ ରାଜପଥର ଧକୋଠାଠାରେ ଗୋଟିଏ ଟାଟା ମ୍ୟାଜିକ୍ ଓଲଟି ୩ ଗୁରୁତର, ୮ ଜଣ ଆହତ ହୋଇଛନ୍ତି। ଗୋଟିଏ ପରିବାର ତାରିଣୀ ଦର୍ଶନ କରିବାକୁ ଯାଉଥିବା ସମୟରେ ଟାଟା ମ୍ୟାଜିକ ରାସ୍ତା କଡ଼କୁ ଖସିପଡ଼ିଥିଲା। ଗୁରୁତର ଓ ଆହତଙ୍କୁ ଉଦ୍ଧାର କରାଯାଇ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ପରିବେଶ ସୁରକ୍ଷାରେ ଅବସରପ୍ରାପ୍ତ ନୌସେନା ଅଧିକାରୀ



ତରୁଣ କୁମାର ଦାସ ଚାରାରୋପଣ କରୁଛନ୍ତି।

ବରୀ,୧୨।୨(ଡି.ଏନ.ଏ.):

ବୃତ୍ତିଗତ ଜୀବନ ପରେ ବେଳେବେଳେ ନିର୍ଦ୍ଦିଷ୍ଟ କେତେଜଣ ବ୍ୟକ୍ତି ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇଥାନ୍ତି। ସେମାନଙ୍କ ମଧ୍ୟରେ ରହିଛନ୍ତି ବରୀ ବ୍ଲକ୍ ରତ୍ନଗିରି ପଞ୍ଚାୟତ ଅଲିଆବାଦ ଗ୍ରାମର ଅବସରପ୍ରାପ୍ତ ନୌସେନା ଅଧିକାରୀ ତରୁଣ କୁମାର ଦାସ। ଉକ୍ତ ଅବସରପ୍ରାପ୍ତ ନୌସେନା ଅଧିକାରୀ ବ୍ରାହ୍ମଣୀ ବଞ୍ଚାଅ ଅଭିଯାନ ଓ ବରୀର ବିକାଶ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କଠାରୁ ରାଜ୍ୟ ସରକାରଙ୍କ ନିକଟରେ ବିଭିନ୍ନ ସମୟରେ ଅଭିଯୋଗ କରି ଆସିଥିବା ସ୍ୱର୍ଗତ ଲୋକନାଥ ଦାସଙ୍କ ସୁପୁତ୍ର ତରୁଣ ହିମାଚଳପ୍ରଦେଶର ମୋନାଲିଠାରେ ଅବସ୍ଥିତ ଅଟଳ ବିହାରୀ ବାଜପେୟୀ ଶିକ୍ଷା କେନ୍ଦ୍ରରୁ ମାଉଣ୍ଟେନିଂ ଆଣ୍ଡ ଆଲାଏଡ ସ୍ପୋର୍ଟ୍ସରେ ପାହାଡ ଚଢ଼ିବା ପାଇଁ ଶିକ୍ଷା ସମାପ୍ତ କରିଛନ୍ତି। ତାଲିମ ନେବା ସମୟରେ ତରୁଣ ୧୫ ହଜାର ୭୦୦ ଫୁଟ୍ ଉଚ୍ଚ ପର୍ବତ ଆରୋହଣ କରି ପୁରସ୍କୃତ ହୋଇଥିଲେ। ଦୀର୍ଘ ୨୦ ବର୍ଷ ଧରି ନୌସେନାରେ କାର୍ଯ୍ୟ କରିବା ପରେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ, ପରିବେଶର ସନ୍ତୁଳନ ରକ୍ଷା କ୍ଷେତ୍ରରେ ଚାରାରୋପଣ ଏବଂ କ୍ରୀଡ଼ା କ୍ଷେତ୍ରରେ ବରୀ ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେଇ ଚାଲିଛନ୍ତି। ତାଙ୍କଠାରୁ ଛାତ୍ରୀଛାତ୍ର ପ୍ରଶିକ୍ଷଣ ନେଇ ଜିଲା ଓ ରାଜ୍ୟସ୍ତରରେ କୃତିତ୍ୱ ଅର୍ଜନ କରିବା ଦେଖିବାକୁ ମିଳିଛି। ବରୀ ଅଞ୍ଚଳର ବିଭିନ୍ନ ଧର୍ମୀୟ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ଓ ସର୍ବସାଧାରଣ ସ୍ଥାନରେ ଚାରାରୋପଣ କରିବା ତାଙ୍କ ଲକ୍ଷ୍ୟ ବୋଲି ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଓ ଚାରାରୋପଣ କ୍ଷେତ୍ରରେ ଆଜିର ଯୁବ ସମାଜ ଆଗେଇ ଆସିଲେ ପରିବେଶର ସୁରକ୍ଷା ସହ ସବୁଜବନାନୀ ସୃଷ୍ଟି ସମ୍ଭବ ହୋଇପାରିବ ବୋଲି ତରୁଣ ମତ ରଖିଛନ୍ତି।

# ଶ୍ରମଶକ୍ତି ହାଇସ୍କୁଲ୍‌ର ବାର୍ଷିକ ଉତ୍ସବ

କାଳିଆପାଣି,୧୨।୨(ଡି.ଏନ.ଏ.):



କୃତୀ ଛାତ୍ରୀଙ୍କୁ ପ୍ରମାଣପତ୍ର ଦେଇ ଅତିଥି ପୁରସ୍କୃତ କରୁଛନ୍ତି।

ଯାଜପୁର ଜିଲା ସୁକିନ୍ଦା ବ୍ଲକ୍ ଅନ୍ତର୍ଗତ ରାଁସୋଳ ପଞ୍ଚାୟତରେ ଅବସ୍ଥିତ ଶ୍ରମଶକ୍ତି ହାଇସ୍କୁଲ୍‌ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ପ୍ରଧାନଶିକ୍ଷକ କ୍ଷେତ୍ରବାସୀ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଛାତ୍ରୀଛାତ୍ର କଠିନ ପରିଶ୍ରମ କରି ନିଜ ଓ ଅଞ୍ଚଳର ସୁନାମ ରଖିବାକୁ କହିଥିଲେ। ସୁକିନ୍ଦା ମଣ୍ଡଳ ସହକାରୀ ଶିକ୍ଷାଧିକାରୀ ହୃଷୀକେଶ ବେହେରା, ସିଆରସିସି ବୁଦ୍ଧିରାମ ତନ୍ତ୍ରୀ, ଶିକ୍ଷକ ହେମନ୍ତ କୁମାର ସାହୁ ଓ ଶିକ୍ଷା କମିଟି ସଭାପତି ରଞ୍ଜନ କୁମାର ନାୟକ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଦିଗଦର୍ଶନ ଦେବା ସହ ସେମାନଙ୍କ ଉନ୍ନତି କାମନା କରିଥିଲେ। ଶିକ୍ଷୟିତ୍ରୀ ସବିତା ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଦୀପା ବିଲାଶ ସ୍ୱାଗତ ଭାଷଣ ଦେଇଥିଲେ। ରୀତାରାଣୀ ସାହୁ, ଶୁଶ୍ରୀ ପଦ୍ମାବତୀ ସ୍ୱାଇଁ, ରାଜେନ୍ଦ୍ର କୁମାର ସାହୁ ପ୍ରମୁଖ ସଭା ପରିଚାଳନା ଓ ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ପରେ ଏଆର୍‌ଟିଏସ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ର, କବାଡ଼ି ଖେଳରେ ଚାମ୍ପିୟନ ହୋଇଥିବା ଶ୍ରମଶକ୍ତି ବ୍ଲକ ଦଳ, ସଭାର ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଚାଷୀ, ବେକାରି ସମସ୍ୟା ପାଇଁ ଲଢ଼େଇ କରିବ ପରିଷଦ

**ଧର୍ମଶାଳା ବିକାଶ ପରିଷଦ ପକ୍ଷରୁ ଜୋନ୍‌ସ୍ତରୀୟ ବୈଠକ**

ରସୁଲପୁର,୧୨।୨(ଡି.ଏନ.ଏ.):



ଧର୍ମଶାଳା ବିକାଶ ପରିଷଦ ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

ଧର୍ମଶାଳା ନିର୍ବାଚନମଣ୍ଡଳୀର ବିଭିନ୍ନ ଜୋନ୍‌ରେ ଧର୍ମଶାଳା ବିକାଶ ପରିଷଦ ପକ୍ଷରୁ ବୈଠକ ଆୟୋଜନ କରାଯାଉଛି। ଏହିକ୍ରମରେ ରସୁଲପୁର ବ୍ଲକ ଅଧୀନସ୍ଥ ୩୪ନଂ. ଜୋନସ୍ତରୀୟ ବୈଠକ ଓଡ଼ିଶୋ ପଞ୍ଚାୟତର ସ୍ୱପ୍ନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ରବିବାର ପରିଷଦ ପକ୍ଷରୁ ଆୟୋଜିତ ବୈଠକରେ ସମୀର ସାମଲ ଅଧ୍ୟକ୍ଷତା କରିଥିଲେ। ପରିଷଦର ସଭାପତି ଯୁବନେତା ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ସ୍ଥାନୀୟ ଅଞ୍ଚଳର ଚାଷୀ ଓ ବେକାରିଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ। ୩୪ନଂ. ଜୋନ ଅଧୀନ ଓଡ଼ିଶୋ, ବାରବାଟୀ, ସିଂହାପୁର, କଲଣ, ନଠୁଆବର, ଜାବରା, ଶ୍ରୀବନ୍ତପୁର ଆଦି ପଞ୍ଚାୟତଗୁଡ଼ିକ କୃଷି ପ୍ରଧାନ ଅଞ୍ଚଳ। ହେଲେ ସେମାନଙ୍କ ହିତ ପାଇଁ ସର୍ବନିମ୍ନ ସୁବିଧା ଉପଲବ୍ଧ ହୋଇପାରୁ ନାହିଁ। ଏହଛଡ଼ା ଧର୍ମଶାଳା ଅଞ୍ଚଳରେ ବ୍ୟାପକ ଲଘୁ ଖଣିଜ ଜାତ ଦ୍ରବ୍ୟ ରହିଛି। ଏଠାରୁ ଉତ୍ପାଦିତ ଖଣିଜ ଦ୍ରବ୍ୟ ରାଜ୍ୟର ବିଭିନ୍ନ ସ୍ଥାନକୁ ଚାଲାଣ କରାଯାଇ ବୈଭବ ସୃଷ୍ଟି କରାଯାଉଛି। ହେଲେ ଅଞ୍ଚଳର ଶିକ୍ଷିତ ଯୁବତୀଯୁବକ ବେକାର ରହି ଯାଇଛନ୍ତି। ଅଞ୍ଚଳରେ ଥିବା ସିମେଣ୍ଟ କାରଖାନାରେ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ମିଳି ପାରୁନାହିଁ। ଏହି ଭଳି ମୌଳିକ ସମସ୍ୟାକୁ ନେଇ ପରିଷଦ ଆନ୍ଦୋଳନ କରିବା ସହ କାରଖାନାରେ ବେକାର ଯୁବକଙ୍କୁ ନିଯୁକ୍ତି ପାଇଁ କମ୍ପାନୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି କୁହାଯାଇଛି। ଉକ୍ତ ବୈଠକରେ ସମ୍ମାନିତ ଅତିଥି ଭାବେ ଯୁବନେତା ସୁନାକର ପାଳ, ସାମାଜିକ କର୍ମୀ ଦେବବ୍ରତ ରାଉତ, ଶିବନାରାୟଣ ଦେବତା, ଶ୍ରୀକାନ୍ତ ବିଶ୍ୱାଳ, ରଞ୍ଜନ ଓଝା ଓ ହିମାଂଶୁ ମହାପାତ୍ର ପ୍ରମୁଖ ଯୋଗଦେଇ ପରିଷଦ ଗଠନର ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ। ବୈଠକରେ ଜୋନରୁ ଶତାଧିକ ଯୁବକ ଅଂଶ ଗ୍ରହଣ କରିଥିଲେ।

# ବିପଦରେ ଭିତରକନିକାର ବନ୍ୟଜନ୍ତୁ

- ୪୦୦ରୁ ଅଧିକ ଗିରଫ, ଶିକାରୀଙ୍କୁ ଦଣ୍ଡ ମିଳୁନି
- କାଗଜପତ୍ରରେ ଚାଲିଛି ବନ୍ୟଜନ୍ତୁ ସଂରକ୍ଷଣ

କେନ୍ଦ୍ରାପଡ଼ା ଅଫିସ, ୧୨।୨

କେନ୍ଦ୍ରାପଡ଼ା ଜିଲା ରାଜନଗର ବନଖଣ୍ଡ ଅଧୀନ ଜାତୀୟ ଭିତରକନିକା ଅଞ୍ଚଳରୁ ମାସକ ମଧ୍ୟରେ ହରିଣ, ବାରହା ଆଦି ଶିକାର କରୁଥିବା ଅଭିଯୋଗରେ ୪ ଅଭିଯୁକ୍ତଙ୍କୁ ବନ ବିଭାଗ ଗିରଫ କରିଛି। ସେହିପରି ଗତ ଦୁଇ ଦଶନ୍ଧି ମଧ୍ୟରେ ଜାତୀୟ ଉଦ୍ୟାନ ଭିତରକନିକା ମଧ୍ୟରୁ ବନ୍ୟ ଓ ସାମୁଦ୍ରିକ ପ୍ରାଣୀ, ଦେଶୀ ବିଦେଶୀ ପ୍ରଜାତିର ପକ୍ଷୀ ଆଦି ଶିକାର କରି ବନ ବିଭାଗ ଦ୍ୱାରା ୪୦୦ରୁ ଅଧିକ ଶିକାରୀ ଧରା ପଡ଼ିଛନ୍ତି। ଏମାନେ ଗିରଫ ହେଉଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଦୋଷୀ ଭାବେ ପ୍ରମାଣିତ କରିବା ଓ ତାଙ୍କୁ ଦଣ୍ଡ ବିଧାନ କରିବା ବନ ବିଭାଗ ପକ୍ଷରୁ ଯଥେଷ୍ଟ ଉଦ୍ୟମ ହେଉନାହିଁ। ଫଳରେ ପ୍ରତିବର୍ଷ ୧୦ରୁ ୩୦ଟି ଶିକାର ଘଟଣାରେ ଅଭିଯୁକ୍ତ ଗିରଫ ହେଉଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ପଡୁନାହିଁ। ବନ୍ୟ ଜନ୍ତୁ ସଂରକ୍ଷଣ ଆଇନ ବିଭାଗୀୟ କାଗଜପତ୍ରରେ ସୀମିତ ରହିଥିବା ବେଳେ ଜାତୀୟ ଉଦ୍ୟାନର ଜୀବଜନ୍ତୁ ବିପଦରେ ଅଛନ୍ତି ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।


ଶିକାରୀମାନେ ବ୍ୟବହାର କରୁଥିବା ମାରଣାସ୍ତ୍ର ଓ ଫାଶ୍।

ସାମୁଦ୍ରିକ କଇଁଛ ଓ ହେନ୍ତାଳବଣ ସଂରକ୍ଷଣ ସମିତିର ସମ୍ପାଦକ ହେମନ୍ତ କୁମାର ରାଉତ, ପରିବେଶବିତ୍ ଲକ୍ଷ୍ମୀକାନ୍ତ ସ୍ୱାଇଁ, ସୁବାସ ସ୍ୱାଇଁ, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ରାଧାକାନ୍ତ ମହାନ୍ତି ପ୍ରମୁଖ କହିଛନ୍ତି, ୨୦୧୫ରେ ୨ଜଣ ବ୍ୟକ୍ତି ୪ଟି ବଗ ମାରିବା ଅଭିଯୋଗରେ କିଛିଦିନ ପାଇଁ ଜେଲ ଯାଇଥିଲେ। ତେବେ ତଥ୍ୟ ଅନୁଯାୟୀ ଗତ ୫ ବର୍ଷ ମଧ୍ୟରେ ୬ଜଣ ଅଭିଯୁକ୍ତ କୁମ୍ଭୀର ଓ ହରିଣ ମାରିଥିବା ଅଭିଯୋଗରେ ବନ ବିଭାଗ ଗିରଫ କରିଥିଲେ ମଧ୍ୟ ଏହି ଶିକାରୀ ଦୋଷମୁକ୍ତ ହୋଇଛନ୍ତି। ଅପରପକ୍ଷରେ ଶତାଧିକ ମାମଲା କୋର୍ଟରେ ଅଛି। ଏଗୁଡ଼ିକ ତୁରନ୍ତ ବିଚାର କରି ଦଣ୍ଡବିଧାନ କରାଗଲେ ଶିକାରୀ ଆଇନ ପ୍ରତି ସଚେତନ ହୋଇପାରନ୍ତେ। ଭିତରକନିକାରେ ଏବେ ୨୦୦ରୁ ଅଧିକ ବନ୍ୟ ଓ ସାମୁଦ୍ରିକ ପ୍ରାଣୀଙ୍କ ଉପରେ ଏହି ଶିକାରୀଙ୍କ ନଜର ପଡ଼ିଛି। ପ୍ରତିବର୍ଷ ବାରହା, ଠେକୁଆ, ହରିଣ ଆଦି ଶିକାର କରାଯାଉଥିବା ବେଳେ ସରୀସୃପ, କଇଁଛ, ଶାମୁକା, ନୀଳରକ୍ତ କଙ୍କଡା ଆଦିର ଚୋରା ଚାଲାଣ ବଢ଼ିଛି। ଏଠାରେ ବିଭିନ୍ନ ଉପାୟରେ ଶିକାର ଚାଲିଛି। ବାରହା, ହରିଣ, ଠେକୁଆ ଆଦି ବନ୍ୟ ଜନ୍ତୁଙ୍କୁ ଧରିବା ପାଇଁ ଫାଶ ଓ ପୋଷା କୁକୁର ବ୍ୟବହାର ହେଉଛି। ପ୍ଲାଷ୍ଟିକ ରଶି ଅଥବା ବାଇକ୍‌ର କ୍ଲଚ୍ ଓ୍ୟାରକୁ ଫାଶ ଭାବେ ବ୍ୟବହାର କରାଯାଉଥିବା ବେଳେ ଶିକାରକୁ ଘଉଡାଇବା ପାଇଁ କୁକୁରଙ୍କୁ ଲଗାଯାଉଛି। ସେହିପରି ବିଭିନ୍ନ ପ୍ରାଣୀ, ପକ୍ଷୀଙ୍କ ପାଇଁ ଜାଲ ଓ ଯନ୍ତାର ସାହାରା ନିଆଯାଉଛି। ବନ୍ୟ ଓ ସାମୁଦ୍ରିକ ପ୍ରାଣୀ ଭିତରକନିକାରୁ କମିବା କାରଣରୁ ପ୍ରକୃତି ସନ୍ତୁଳିତ ହୋଇ ରହୁନାହିଁ। ବିଭିନ୍ନ ଜୀବଜନ୍ତୁଙ୍କ ପାଇଁ ଜଙ୍ଗଲ ଅଧିକ ଘଞ୍ଚ ହୋଇଥାଏ। ତେବେ ଏମାନଙ୍କ ସୁରକ୍ଷା ଦାୟିତ୍ୱ ବନ ବିଭାଗର କେବଳ କାଗଜପତ୍ରରେ ସୀମିତ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ବନ୍ୟ ପ୍ରାଣୀ ଆଇନ ବିଶାରଦ ତଥା ଆଇନଜୀବୀ ସୁଶ୍ରୀ କୁମାରୀ ନାୟକ କହିଛନ୍ତି, ଦୋଷୀଙ୍କୁ ଦଣ୍ଡ ବିଧାନ ପାଇଁ ଉପଯୁକ୍ତ ପ୍ରମାଣ ଆବଶ୍ୟକ। ମାମଲାର ଶୁଣାଣି ପାଇଁ ଅଧିକ ସମୟ ନିଆଯାଉଥିବାରୁ ଅଧିକାଂଶ ପ୍ରମାଣ ନଷ୍ଟ ହେଉଛି। ସେହିପରି ଫୋରେନସିକ ଟେଷ୍ଟ ରିପୋର୍ଟର ଅଭାବ, ସାକ୍ଷୀଙ୍କ ଅସହଯୋଗ ଶିକାରୀଙ୍କୁ ଦୋଷମୁକ୍ତ କରୁଛି। ବନ ବିଭାଗ ପକ୍ଷରୁ କେବେହେଲେ ଅଙ୍ଗୁଳି ଛାପ ନିଆଯାଉ ନ ଥିବାବେଳେ ଆର୍ମସ ଆକ୍ଟ ଲଗା ଯାଉନାହିଁ। ସେହିପରି ତଦନ୍ତ ଅଧିକାରୀଙ୍କ ବୟାନ ମାମଲାର ସୁପରିଚାଳନା ପାଇଁ ଅଧିକ ଗୁରୁତ୍ୱ ବହନ କରେ। ତେବେ ଏସବୁ ମାମଲାରେ ଡିଏଫ୍‌ଓଙ୍କୁ ସାମିଲ କରାଉଛି ବୋଲି ସେ ମତ ଦେଇଛନ୍ତି। ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରେ ବନ୍ୟ ଜୀବଜନ୍ତୁଙ୍କ ସୁରକ୍ଷାକୁ ସର୍ବଦା ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ କର୍ମଚାରୀ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି।

## ଟ୍ରକ୍ ଚାଳକଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ବଡ଼ବିଲ/ଯୋଡ଼ା, ୧୨।୨ (ସ୍ୱ.ପ୍ର./ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ଥାନା ଅନ୍ତର୍ଗତ ଡିଏଭି ସ୍କୁଲ ନିକଟରେ ଟ୍ରକ୍ ଚାଳକଙ୍କୁ ମରଣାନ୍ତକ ଆକ୍ରମଣ କରି ମୋବାଇଲ ଓ ଟଙ୍କା ଲୁଟ୍ ଅଭିଯୋଗ ହୋଇଛି। ଘଟଣାରେ ଯୋଡ଼ା ପୋଲିସ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଯୋଡ଼ା ହନୁମାନ ହଟିଂର ସାଗର ମୁଣ୍ଡା। ସୂଚନା ଅନୁଯାୟୀ, ବଡ଼ବିଲ ଅଞ୍ଚଳରେ ରହୁଥିବା ରବି ଶର୍ମାଙ୍କ ଟ୍ରକକୁ ଚାଳକ ନାଗୁ ଯାଦବ ନେଇ ବଡ଼ବିଲ ଅଭିମୁଖେ ଆସୁଥିଲେ। ଡିଏଭି ସ୍କୁଲ ନିକଟରେ ଦୁର୍ବୃତ୍ତ ଟ୍ରକ୍‌କୁ ଅଟକାଇ ତାଙ୍କୁ ଆକ୍ରମଣ କରି ମୋବାଇଲ ଓ ୮ହଜାର ଟଙ୍କା ନେଇ ଯାତ୍ରୀବାହୀ ବସରେ ଚଢ଼ି ଯାଇଥିଲେ। ବସ୍ ଚାଳକ ଜଣକ ସାହାସିକତା ଦେଖାଇ ଜଣେ ଦୁର୍ବୃତ୍ତଙ୍କୁ କାବୁ କରିନେଇଥିବା ବେଳେ ଅନ୍ୟ ଦୁର୍ବୃତ୍ତ ଖସି ଯିବାକୁ ସକ୍ଷମ ହୋଇଥିଲେ। ଖବର ପାଇ ଟ୍ରକ୍ ମାଲିକ ସେଠାରେ ପହଞ୍ଚି ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ଅଭିଯୁକ୍ତ ସାଗରଙ୍କୁ ଗିରଫ କରି ତାଙ୍କ ନିକଟରୁ ମୋବାଇଲ ଜବତ କରିଛି। ଏ ନେଇ ଯୋଡ଼ା ଥାନାରେ (ନଂ. ୫୧/୨୩)ରେ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ସାଗରବେଳା ମହୋତ୍ସବର ପ୍ରସ୍ତୁତି ବୈଠକ



**ରାଜନଗର, ୧୨।୨(ଡି.ଏନ.ଏ.):** ରାଜନଗର ପେଣ୍ଠ ବେଳାଭୂମିରେ ସାଗରବେଳା ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ରାଜନଗର ବ୍ଲକ ହାତିନା ପଞ୍ଚାୟତ ପ୍ରସନ୍ନପୁର ଉନ୍ନୀତ ପ୍ରକଳ୍ପ ବିଦ୍ୟାଳୟ ପରିସରରେ ସାଗରବେଳା ମହୋତ୍ସବର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ସଭାପତି ଡ. ଅଭୟ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ମହୋତ୍ସବର ମହାସଚିବ ପ୍ରାଧାପକ ସତ୍ୟବାଦୀ ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିସହ ପେଣ୍ଠ ସମୁଦ୍ର ବେଳାଭୂମିରେ ମାର୍ଚ୍ଚ ୩ ରୁ ୫ ତାରିଖ ଯାଏ ଏହି ମହୋତ୍ସବ ଅନୁଷ୍ଠିତ ହେବ। ଏହାକୁ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିବେ ବୋଲି ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ବୈଠକରେ ପେଣ୍ଠ ଯଜ୍ଞ କମିଟି ସଭାପତି ରବୀନ୍ଦ୍ର କୁମାର ପଢ଼ିହାରୀ, ସଙ୍ଗଠନ ସମ୍ପାଦକ ଡା. ଧରଣୀଧର ରାଉତ, ସହସମ୍ପାଦକ ଅନିଲ କୁମାର ବଳ, ସୁରେଶ କୁମାର ନରେନ୍ଦ୍ର, ଅଧ୍ୟାପିକା ଭଗବତୀ ରାଉତ, କୈଳାସ ମହାନ୍ତି, ମହେଶ୍ୱର ରାଉତ, କ୍ଷୀରୋଦ କୁମାର ମଲିକ, ସୁବେଦାର ଗଗନ ସ୍ୱାଇଁ, ସନ୍ତୋଷ ଶତପଥୀ, ବିଜୟ କୁମାର ଜେନା, କୈଳାସ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଜଳୁଛି ଅନ୍ଧାରି ଜଙ୍ଗଲ



**ସାରସକଣା, ୧୨।୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ପୁନାସିଆ ନିକଟସ୍ଥ ଅନ୍ଧାରୀ ଜଙ୍ଗଲରେ ନିଆଁ ଲାଗିଛି। ଏହି ନିଆଁ ଜଙ୍ଗଲ ସଂଲଗ୍ନ ଗାଁକୁ ବ୍ୟାପିବାର ଆଶଙ୍କା ପ୍ରକାଶ ପାଇଛି। ଏନେଇ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ଦେଉଳି ରେଞ୍ଜ ଅନ୍ତର୍ଗତ ଏହି ଜଙ୍ଗଲରେ ରବିବାର ଅପରାହ୍ନରେ ନିଆଁ ଲାଗି ଯାଇଥିଲା। ପ୍ରାୟ ୨ କି.ମି. ପରିବ୍ୟାପ୍ତ ଅଞ୍ଚଳ ଜଳୁଥିବା ଦେଖିବାକୁ ମିଳିଛି। ଗାଁକୁ ନିଆଁ ବ୍ୟାପୁଥିବା ଦେଖି ଗ୍ରାମବାସୀ ଗଛ ଡାଳ ସାହାଯ୍ୟରେ ଲିଭାଇବାକୁ ଚେଷ୍ଟା ଜାରି ରଖିଛନ୍ତି। କୁଳିଅଣା ଫରେଷ୍ଟର ସୁମିତା କଲିଆଙ୍କୁ ପଚାରିବାରୁ ବିଭାଗୀୟ କର୍ମଚାରୀ ତୁରନ୍ତ ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟରେ ଲାଗିବେ ବୋଲି ସୂଚନା ଦେଇଥିଲେ।

### ଉଦ୍ଧାର ହରିଣର ଜୀବନ ଗଲା

**ଠାକୁରମୁଣ୍ଡା, ୧୨।୨(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଭରାଣ୍ଡିହା ପଞ୍ଚାୟତ ର୍ଦିବ ଗ୍ରାମରୁ ଶନିବାର ରାତିରେ ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଥିବା ହରିଣର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, କୁକୁର କବଳରୁ ବର୍ତ୍ତିବା ପାଇଁ ହରିଣଟି ଗ୍ରାମ ଭିତରକୁ ପଶି ଆସିଥିଲା। କୁକୁର ଆକ୍ରମଣରେ ଆହତ ହୋଇଥିବା ହରିଣକୁ ଦେଖି ଗ୍ରାମବାସୀ ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ କର୍ମଚାରୀ ପହଞ୍ଚି ହରିଣକୁ ଚିକିତ୍ସା ପାଇଁ ପଶୁ ଚିକିତ୍ସାଳୟକୁ ନେବା ସମୟରେ ବାଟରେ ତାର ମୃତ୍ୟୁ ହୋଇଥିଲା।

## ୩ୟ ମାଣିକପାଟଣା ପ୍ରିମିୟର ଲିଗ୍: ଗୌଡ଼ପାଟଣା ଚାମ୍ପିୟନ

ଆଲି, ୧୨।୨(ଡି.ଏନ୍.ଏ.)

ଆଳି ବ୍ଲକ ମାଣିକପାଟଣା ପଞ୍ଚାୟତର କଣ୍ଟେଶ୍ୱରୀ କ୍ରିକେଟ କ୍ଲବ ଆୟୋଜନରେ ୬ ତାରିଖରୁ ୧୬ଟି ଟିମ୍‌କୁ ନେଇ ୩ୟ ମାଣିକପାଟଣା ପ୍ରିମିୟର ଲିଗ୍ ଆରମ୍ଭ ହୋଇଥିଲା। ରବିବାର ଏହି ଲିଗ୍‌ର ଫାଇନାଲ ମ୍ୟାଚ ଗୌଡ଼ପାଟଣା କ୍ରିକେଟ କ୍ଲବ ଓ ଧାନମଣ୍ଡଳ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୌଡ଼ପାଟଣା ଟିମ୍ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୫ଟି ଉଇକେଟ ହରାଇ ୧୦୩ ରନ ସଂଗ୍ରହ କରିଥିଲା। ଜବାବରେ ଧାନମଣ୍ଡଳ କ୍ରିକେଟ ଟିମ୍ ୮ ଓଭରରେ ୫ ଉଇକେଟ ହରାଇ ୯୩ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବର୍ଷା କନ୍‌ଷ୍ଟ୍ରକଶନର ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ସାଥୀ ଫାଉଣ୍ଡେଶନର ସଭାପତି ସଞ୍ଜୟ କୁମାର ପରିଡା, ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ପ୍ରତାପ ଚନ୍ଦ୍ର ବିଶ୍ୱାଳ ଓ ଦୈତାରି ବେହେରା ଯୋଗଦେଇ ଚାମ୍ପିୟନ ଗୌଡ଼ପାଟଣା ଟିମ୍‌କୁ ନଗଦ ୬ ହଜାର ଟଙ୍କା ସହ ଟ୍ରଫି ଓ ରନରଅପ୍ ଟିମ୍ ଧାନମଣ୍ଡଳକୁ ୪ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ରବୀନ୍ଦ୍ର ମହାରଣା ଓ ମ୍ୟାନ ଅଫ୍ ଦି ସିରିଜ ସୌଭାଗ୍ୟ ମଲ୍ଲିକଙ୍କୁ ପୁରସ୍କୃତ କରାଯାଇଥିଲା। ଅମ୍ପାୟର ଭାବେ ନଳିନୀକାନ୍ତ ଦାସ ଓ ଜୀବନ ବିଶ୍ୱାଳ ଖେଳ ପରିଚାଳନା କରିଥିଲେ। ଦିଲୀପ କୁମାର ପଲାଇ, ବୁବୁନା ଦାସ, ସାହିଲ ପରିଡା, ବୁଲୁ ପରିଡା ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳିମାନେ।

## ଟାଟା ମ୍ୟାଜିକ୍ ଓଲଟି ୩ ଗୁରୁତର, ୮ ଆହତ

ଆନନ୍ଦପୁର/ଘସିପୁରା, ୧୨।୨ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲା ଘସିପୁରା ଥାନା ୨୦ ନଂ. ଜାତୀୟ ରାଜପଥର ଧକୋଠାଠାରେ ଗୋଟିଏ ଟାଟା ମ୍ୟାଜିକ୍ ଓଲଟି ୩ ଗୁରୁତର, ୮ ଜଣ ଆହତ ହୋଇଛନ୍ତି। ଗୋଟିଏ ପରିବାର ତାରିଣୀ ଦର୍ଶନ କରିବାକୁ ଯାଉଥିବା ସମୟରେ ଟାଟା ମ୍ୟାଜିକ ରାସ୍ତା କଡ଼କୁ ଖସିପଡ଼ିଥିଲା। ଗୁରୁତର ଓ ଆହତଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

## ମୁଢ଼ି ବେପାରୀଙ୍କୁ ନିଶା ଦେଇ ଲୁଟ

**ଆନନ୍ଦପୁର, ୧୨।୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଞ୍ଚଳରେ ଜଣେ ମୁଢ଼ି ବେପାରୀଙ୍କୁ ଚା'ରେ ନିଶା ଦେଇ ଲୁଟ୍ ହୋଇଛି। ସ୍ଥାନୀୟ ଫକୀରପୁରର କାହ୍ନୁ ନାହାକ ଲୁଟ୍‌ର ଶିକାର ହୋଇଛନ୍ତି। ସେ ଶନିବାର ସକାଳୁ ବେପାର ପାଇଁ ଘରୁ ବାହାରି ସନ୍ଧ୍ୟା ପର୍ଯ୍ୟନ୍ତ ନ ଫେରିବାରୁ ଘର ଲୋକେ ଖୋଜାଖୋଜି କରିଥିଲେ। କାହ୍ନୁ ଚଉମୁହଁ ଗାଁ ନିକଟରେ ଅଚେତ ଅବସ୍ଥାରେ ପଡ଼ିଥିବା ଘସିପୁରା ପୋଲିସ ଖବର ପାଇ ଉଦ୍ଧାର କରିଥିଲା।

## କଂଗ୍ରେସର କର୍ମୀ ସମ୍ମିଳନୀ



ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ଦଳର ନେତୃମଣ୍ଡଳୀ।

ଡେରାବିଶ, ୧୨।୨(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ବରାହିଲୋଠାରେ ବ୍ଲକ କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ରବିବାର ହୋଇଯାଇଛି। ଏଥିରେ ବ୍ଲକ କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀରେ ପାଟକୁରା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ଡ. ରତିକାନ୍ତ କାନୁନ୍‌ଗୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୁର୍ନୀତିରେ ଉବୁଟୁବୁ ବିଜେଡି, ଭାଜପା ସରକାର ସମଗ୍ର ରାଜ୍ୟ ଓ ଦେଶର ଜନସାଧାରଣଙ୍କ ସ୍ୱାର୍ଥକୁ ଉପେକ୍ଷା କରିଛନ୍ତି। ଯେଉଁ ରାଜ୍ୟରେ କ୍ୟାବିନେଟ୍ ମନ୍ତ୍ରୀ ସୁରକ୍ଷିତ ନୁହଁନ୍ତି, ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ଗୁଳିରେ ମନ୍ତ୍ରୀଙ୍କ ମୃତ୍ୟୁ ହେବା ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତର ଏକ ନମୁନା ବୋଲି କାନୁନ୍‌ଗୋ କହିଥିଲେ। ସେ ଏଥିସହ ବର୍ତ୍ତମାନ ସମସ୍ୟା ବହୁଳ ପାଲଟିଥିବା ପାଟକୁରା ନିର୍ବାଚନ ମଣ୍ଡଳୀରେ ବିକାଶ ପରିବର୍ତ୍ତେ ବିନାଶ ଚାଲି ଥିବାରୁ ଏହାର ପ୍ରତିବାଦରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ସଦସ୍ୟ ରଘୁନାଥ ଶତପଥୀ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଅନନ୍ତ ଚରଣ ପାତ୍ର, ଜିଲା ସେବା ଦଳର ଅଧ୍ୟକ୍ଷ ଜୟଦେବ ପରିଡା, ରାଜୀବ ଲୋଚନ ମିଶ୍ର, ପଞ୍ଚାୟତ ସଭାପତି ମହେନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ପୂର୍ବତନ ସମିତିସଭ୍ୟ ମାନସ ଜେନା ଅତିଥି ପରିଚୟ, ଯୁବନେତା ରଞ୍ଜନ କୁମାର ମଲିକ ଧନ୍ୟବାଦ ଦେଇଥିଲେ। କଂଗ୍ରେସର ଛାମୁଆଁ କର୍ମୀ ଯୋଗଦେଇ ଆସନ୍ତା ୨୦୨୪ ନିର୍ବାଚନ ପାଇଁ ନେତୃମଣ୍ଡଳୀ ଦଳୀୟ ରଣନୀତି ପ୍ରସ୍ତୁତ କରିଥିଲେ।

## କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ବୈଠକ



ବୈଠକରେ ଯୋଗ ଦେଇଥିବା ମିଳିତ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ଓ ଅନ୍ୟମାନେ।

ରାଜନଗର, ୧୨।୨(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଜିଲା ମିଳିତ କ୍ରିୟାନୁଷ୍ଠାନ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ରବିବାର ଆୟୋଜିତ ବୈଠକରେ ଡ. ଅଭୟ କୁମାର ପାତ୍ର ପୌରୋହିତ୍ୟ କରିଥିଲେ। ଏଥିରେ ଦୀର୍ଘଦିନ ଧରି ଜିଲାର ବିଭିନ୍ନ ମୌଳିକ ସମସ୍ୟା ମଧ୍ୟରୁ ସ୍ୱାସ୍ଥ୍ୟ ବ୍ୟବସ୍ଥା ସବୁଠୁ ଗୁରୁତ୍ୱପୂର୍ଣ୍ଣ ଭାବେ ଉଭା ହୋଇରହିଛି। ଜିଲାର ସ୍ୱାଭିମାନ ରକ୍ଷା କରିବାକୁ ଦୀର୍ଘଦିନ ଧରି ଜିଲାବାସୀଙ୍କ ପକ୍ଷରୁ ମେଡିକାଲ କଲେଜ ପ୍ରତିଷ୍ଠା ଦାବି କରାଯାଇଛି। ସରକାରୀ ସ୍ତରର ଚରମ ଉଦାସୀନତା ରହି ଆସୁଥିବାରୁ ଏ ନେଇ କ୍ରିୟାନୁଷ୍ଠାନ କମିଟିର ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସ୍ୱର ଉଠାଇଛି। ଏହି କଲେଜ ପ୍ରତିଷ୍ଠା ହେଲେ ଜିଲାର ପ୍ରତିଭାବାନ ଯୁବତୀଯୁବକମାନେ ମେଡିକାଲ କଲେଜରେ ଅଧ୍ୟୟନ କରି ସେବାରେ ସମର୍ପିତ ହେବେ ବୋଲି ଏଥିରେ ଯୋଗ ଦେଇଥିବା ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଥିଲେ। ବୈଠକରେ ସାମାଜିକ କର୍ମୀ କୈଳାସ ଚନ୍ଦ୍ର ମହାନ୍ତି ସଂଯୋଜକ ଭାବେ ନିଜର ମତ ରଖିଥିଲେ। କ୍ରିୟାନୁଷ୍ଠାନ କମିଟିର ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ ମେଡିକାଲ କଲେଜ ପ୍ରତିଷ୍ଠାର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଧରଣୀଧର ରାଉତ, ଅନିଲ କୁମାର ବଳ, ବିଜୟ କୁମାର ଜେନା, ଅଧ୍ୟାପିକା ଭଗବତୀ ରାଉତ, ବାବାଜୀ ଧଳ, ବରିଷ୍ଠ ଖବରଦାତା ଭାସ୍କର ରାଉତରାୟ, କୃପାସିନ୍ଧୁ ସାମଲ, କ୍ଷୀରୋଦ କୁମାର ମଲିକ, ପଣ୍ଡିତ ଶଙ୍କର୍ଷଣ ମିଶ୍ର, ରଶ୍ମୀ ରଞ୍ଜନ ରାଉତ, ସତ୍ୟବାଦୀ ଜେନା, ସନ୍ତୋଷ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ପରେ ରାଜନଗର ବ୍ଲକସ୍ତରୀୟ ଏକ କମିଟି ଗଠନ କରାଯାଇଥିଲା।

## ବ୍ରାହ୍ମଣସାହି ସରପଞ୍ଚ ବିଜେଡିରେ ମିଶିଲେ

ରାଜନଗର, ୧୨।୨(ଡି.ଏନ.ଏ.)

ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତ ଗୋବର୍ଦ୍ଧନପୁରଠାରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା, ସୁଶାସନ ଓ କାର୍ଯ୍ୟଦକ୍ଷତା ଓ ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ନେତୃତ୍ୱ ଉପରେ ଆସ୍ଥା ରଖି ରାଜନଗର ବ୍ଲକ ବ୍ରାହ୍ମଣସାହିର ସରପଞ୍ଚ ବିଣାପାଣୀ ପ୍ରଧାନ ତାଙ୍କ ସମର୍ଥକଙ୍କ ସହ ରବିବାର ବିଜେଡିରେ ସାମିଲ ହୋଇଛନ୍ତି। ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ, କଟକ କେନ୍ଦ୍ର ସମବାୟ ସମିତିର ନିର୍ଦ୍ଦେଶକ ଅରୁଣ କୁମାର ସାହୁ, ରାଜନଗର ବ୍ଲକ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ଛାତ୍ର ଜନତା ଦଳ ସଭାପତି ମନୋଜ କୁମାର ମଲିକ, ପୂର୍ଣ୍ଣଚନ୍ଦ୍ର ପଢ଼ିହାରୀ, ସମିତି ସଭ୍ୟ ରବିନ ମଲିକ ପ୍ରମୁଖ ଯୋଗଦେଇଥିଲେ। ସରପଞ୍ଚ ପ୍ରଧାନଙ୍କ ନେତୃତ୍ୱରେ ସୁଲଭ ହାତୀ, କୈଳାସ ବିଶ୍ୱାଳ, ବଳରାମ ରାଉତ, ନବଘନ ପ୍ରଧାନ, ଅଲେଖ ହାତୀ, ବିଘ୍ନେଶ୍ୱର ବିଶ୍ୱାଳ, ସନ୍ତୋଷ ବିଶ୍ୱାଳ, ଶରତ ବିଶ୍ୱାଳ, ଉଧବ ପ୍ରଧାନ, ରସାନନ୍ଦ ପ୍ରଧାନ, ମନୋରମା ସ୍ୱାଇଁ, ପ୍ରତିମା ସ୍ୱାଇଁ, ମେଘଶ୍ୟାମ ସେଠୀ, ଗଣେଶ ସାମଲ, ପ୍ରଭାତ ଜେନା ପ୍ରମୁଖ ବିଜେଡିରେ ସାମିଲ ହୋଇଛନ୍ତି। ବିଧାୟକ ସାହୁ ନୂତନ ଭାବେ ଯୋଗ ଦେଇଥିବା ସରପଞ୍ଚ ଓ ନୂତନ ସଦସ୍ୟଙ୍କୁ ପୁଷ୍ପଗୁଚ୍ଛ ଦଳୀୟ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ।


ମିଶ୍ରଣ ପର୍ବରେ ବିଧାୟକ ଧ୍ରୁବ ସାହୁ ଓ ଅନ୍ୟମାନେ।

## ଇଲେକ୍ଟ୍ରିସିଟି ଠିକା ଶ୍ରମିକ ସଂଘର ବାର୍ଷିକୋତ୍ସବ

ରାଜନଗର, ୧୨।୨(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ଇଲେକ୍ଟ୍ରିସିଟି ଠିକା ଶ୍ରମିକ ସଂଘର ୫ମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବ୍ଲକ ସାନବଡଗୋପାଳପୁର ପଞ୍ଚାୟତ ଗୋସିଗାଁସ୍ଥିତ ଶ୍ରୀ ଶ୍ରୀଗର୍ତ୍ତେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଜିଲାସ୍ତରୀୟ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ରାଜ୍ୟ ବିଜୁ ଶ୍ରମିକ ସାମୁଖ୍ୟ ମହାସଂଘର ସଭାପତି ତଥା କଟକ ମେୟର ସୁବାସ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଠିକା ଶ୍ରମିକଙ୍କ ଦୁଃଖ, ଦୁର୍ଦ୍ଦଶା, ସୁବିଧା, ଅସୁବିଧା ଏବଂ କ୍ଷେତ୍ର କର୍ମଚାରୀ, ମିଟର ରିଡର, ବିଲ କଲେକ୍ଟର, ଲାଇନମ୍ୟାନ, ହେଲପରଙ୍କର ମାସିକ ବେତନକୁ ଖୁବ୍‌ଶୀଘ୍ର ବୃଦ୍ଧି କରାଯିବା ସହ ସରକାରୀ ସ୍ତରରେ କର୍ମଚାରୀମାନେ କିପରି ଅଧିକ ସୁବିଧା ସୁଯୋଗ ପାଇପାରିବେ, ସେଥିପାଇଁ ସରକାର ବ୍ୟବସ୍ଥା କରୁଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଇଲେକ୍ଟ୍ରିସିଟି ଠିକା ଶ୍ରମିକ ମହାସଂଘର ସଭାପତି ଦେବଦାସ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ରାଜ୍ୟ ବିଜୁ ସାମୁଖ୍ୟ ମହାସଂଘର କାର୍ଯ୍ୟକାରୀ ସଭାପତି ରାଜୀବ ମହାନ୍ତି, ସାଧାରଣ ସମ୍ପାଦକ ଅମର କୁମର ପ୍ରତାପ ସିଂ, ଯୁଗ୍ମ ସମ୍ପାଦକ ପ୍ରିୟବ୍ରତ ନାୟକ, ବିଦ୍ୟୁତ୍ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଜିତେନ୍ଦ୍ର ବିଶ୍ୱାଳ, ଇଟିଏସ୍‌ଏସ୍ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ମଲିକ, ଇଟିଏସ୍‌ଏସ୍ ସାଧାରଣ ସମ୍ପାଦକ ଶିଶିର କୁମାର ନାୟକ, ଡିଭିଜନାଲ ସେକ୍ରେଟାରୀ ୧ ମନୋଜ ନାୟକ, ଡିଭିଜନାଲ ସେକ୍ରେଟାରୀ ୨ ଅସିତ କୁମାର ସ୍ୱାଇଁ, ଡିଭିଜନାଲ ପ୍ରେସିଡେଣ୍ଟ ୨ ଗିରିଶ ଚନ୍ଦ୍ର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସେମାନେ କର୍ମଚାରୀମାନଙ୍କ ବହୁବିଧ ସମସ୍ୟା କମ୍ପାନୀଙ୍କ ମନମାନୀ, କର୍ମଚାରୀମାନଙ୍କୁ ସରକାରୀ ମାନ୍ୟତା ଏବଂ ସ୍ଥାୟୀ ନିଯୁକ୍ତି, ବେତନ ବୃଦ୍ଧି ପ୍ରଭୃତି ଦାବି ଉପରେ ଆଲୋଚନା କରିଥିଲେ। ଏହାକୁ ରାଜନଗର ଇଟିଏସ୍‌ଏସ ସଭାପତି ଅନିଲ ପ୍ରଧାନ, ଇଟିଏସ୍‌ଏସ ସମ୍ପାଦକ ସୁରେନ୍ଦ୍ର ଦାସ, ଉପଦେଷ୍ଟା ମାନସ ରଞ୍ଜନ ଦାଶ ପ୍ରମୁଖ ପରିଚାଳନା କରିଥିଲେ।


ବାର୍ଷିକୋତ୍ସବରେ ଉପସ୍ଥିତ ଠିକା ଶ୍ରମିକ ସଂଘର ନେତା ଓ କର୍ମକର୍ତ୍ତାମାନେ।

## ଜୟଦେବ ସ୍ପୋର୍ଟିଂ ଏକାଡେମୀ ଚାମ୍ପିୟନ

**ରାଜ୍ୟସ୍ତରୀୟ ଡେରାବିଶ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ଡେରାବିଶ, ୧୨।୨(ସ୍ୱ.ପ୍ର.)

ଡେରାବିଶ ମିନି ଷ୍ଟାଡିୟମ୍‌ରେ ଚାଲିଥିବା ରାଜ୍ୟସ୍ତରୀୟ ଡେରାବିଶ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଡେରାବିଶ କ୍ରିକେଟ କ୍ଲବ୍‌ର ୫୦ତମ ପୂର୍ତ୍ତି ଉପଲକ୍ଷେ ବହୁ ଆଡମ୍ବରପୂର୍ଣ୍ଣ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ବିଭିନ୍ନ ଜିଲାରୁ ୮ ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ କଟକର ଆରସିସି ୟଙ୍ଗ ଷ୍ଟାର ଦଳ ଓ ଭୁବନେଶ୍ୱରର ଜୟଦେବ ସ୍ପୋର୍ଟିଂ ଏକାଡେମୀ ପରସ୍ପରକୁ ଭେଟିଥିଲେ। ଖେଳରେ ଭୁବନେଶ୍ୱରର ଜୟଦେବ ଦଳ କଟକ ଦଳକୁ ୭ ଉଇକେଟରେ ହରାଇ ଚାମ୍ପିୟନ ହୋଇଛି। କଟକ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୫ତମ ଓଭରର ଶେଷ ବଲରେ ଅଲଆଉଟ ହୋଇ ମାତ୍ର ୧୨୯ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଅଧିନାୟକ ସନ୍ତୋଷ ରାଉତ ସର୍ବାଧିକ ୪୨ ବଲରେ ୫୪ରନ ସଂଗ୍ରହ କରିଥିଲେ ମଧ୍ୟ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ବିପକ୍ଷ ଭୁବନେଶ୍ୱର ଦଳର ବୋଲରଙ୍କ ସାମନା କରି ନ ପାରି ନ ଥିଲେ। ଜାବବରେ ଜୟଦେବ ଦଳର ବ୍ୟାଟ୍ସମ୍ୟାନମାନେ ମାତ୍ର ୩ ଉଇକେଟ ହରାଇ ଆବଶ୍ୟକ ସଂଖ୍ୟକ ରନ ସଂଗ୍ରହ କରି ଚମ୍ପିଆନ ଆଖ୍ୟା ଅର୍ଜନ କରିଥିଲେ। ପ୍ଲାବନ କୁମାର ସ୍ୱାଇଁ ଓ ଲଳିତେନ୍ଦୁ ପଣ୍ଡା ଫାଇନାଲ ଖେଳରେ ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଡେରାବିଶ କ୍ରିକେଟ କ୍ଲବର ସଭାପତି ରଞ୍ଜନ କୁମାର ସାହୁ ପୌରୋହିତ୍ୟ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ରବି ସାମଲ, ସମ୍ମାନିତ ଅତିଥି ଭାବେ ରାଜ୍ୟ ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ, ପାଟକୁରା ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ଡ. ରତିକାନ୍ତ କାନୁନ୍‌ଗୋ, ଡେରାବିଶ ପଞ୍ଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ସୁଦୀପ୍ତ କେଶରୀ ସାମଲ, ଜିଲା ବିଜେଡି ସମ୍ପାଦକ ମହେନ୍ଦ୍ର କୁମାର ସିଂହ ଯୋଗଦେଇ ଜୟଦେବ ଦଳକୁ ଚାମ୍ପିୟନ୍ ଟ୍ରଫି ଓ କଟକ ଦଳକୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ଶିକ୍ଷାବିତ୍ ଅତୁଲ୍ୟ କୁମାର ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ଖେଳକୁ ସାହାଜାନ୍ ଖାଁ, ଗୋଲରାହାଟ ସରପଞ୍ଚ କାଶୀନାଥ କାଣ୍ଡି, ସମିତିସଭ୍ୟ କରୁଣାକର କାଣ୍ଡି ପ୍ରମୁଖ କ୍ରିକେଟ୍ କ୍ଲବର ସଦସ୍ୟମାନେ ପରିଚାଳନା କରିଥିଲେ।



ଅତିଥିମାନେ ଚାମ୍ପିୟନ ଦଳର ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କରୁଛନ୍ତି।

# ସାହିତ୍ୟିକ ହିଁ ସମାଜର ଦୁର୍ବଳତାକୁ ଦୂର କରିପାରିବେ

**ଭାପୁର, ୧୨।୨ (ଡି.ଏନ.ଏ.)**

ଭାପୁର ବ୍ଲକ ଅଧୀନ ଫତେଗଡ ଶ୍ରୀରାମ ପାହାଡ଼ରେ ଦ୍ୱିତୀୟ ନୟାଗଡ଼ ସାହିତ୍ୟ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ଅଗ୍ରଣୀ ପ୍ରକାଶନ ସଂସ୍ଥା ପେନଇନ୍ ବୁକ୍ସ ଓ ଭାପୁରର ଅଗ୍ରଣୀ ଅନୁଷ୍ଠାନ ମୋ ମାଟି ଭାପୁର ଦ୍ୱାରା ପୂର୍ବାହ୍ନରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦେବା ସହ ଜଣେ ସାହିତ୍ୟିକ ହିଁ ସମାଜର ଦୁର୍ବଳତାକୁ ଦୂର କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ବିଧାୟକ ସାହୁ ଆୟୋଜକଙ୍କୁ ଧନ୍ୟବାଦ ଜଣାଇଥିଲେ। କଥାକାର ଶୁଭ୍ରାଂଶୁ ପଣ୍ଡାଙ୍କ ସଭାପତିତ୍ୱ କାର୍ଯ୍ୟକ୍ରମକୁ ମୃତ୍ୟୁଞ୍ଜୟ ରଥ ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଶିଶୁ ସାହିତ୍ୟିକ ଦାଶ ବେନହୁର, କବି ତପନ କୁମାର ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ପେନ୍‌ଇନ୍ ବୁକ୍ସ ଦ୍ୱାରା ପ୍ରକାଶିତ ତଥା ବିଭିନ୍ନ ଲେଖକଙ୍କ ୪ଟି ବହିକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ପ୍ରଥମ ଅଧିବେଶନରେ ସାହିତ୍ୟରେ ସ୍ଥାନିୟତା ସମ୍ପର୍କରେ ଆୟୋଜିତ ଆଲୋଚନାଚକ୍ରକୁ ହାଡିବନ୍ଧୁ ମହାଖୁଡ ସଂଯୋଜନା କରିଥିଲେ। ଆଲୋଚକ ଭାବେ କବି ରକ୍ଷକ ନାୟକ, କବି ତଥା କଥାକାର ଚିରଶ୍ରୀ ଇନ୍ଦ୍ରସିଂ, କଥାକାର ତପନ ମହାପାତ୍ର, କଥାକାର ରଶ୍ମି ମିଶ୍ର, ପ୍ରାବନ୍ଧିକ ତଥା ଅଧ୍ୟାପକ ପବିତ୍ର ସୁବୁଦ୍ଧି, ସମାଲୋଚକ ଡ. କୈଳାସ ବାଣ୍ଡ ପ୍ରମୁଖ ନିଜର ମତ ରଖିଥିଲେ। ଦ୍ୱିତୀୟ ଅଧିବେଶନରେ ଯୁବତ୍ୱର କଳ୍ପନା ଓ ବାସ୍ତବତା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।


ଉତ୍ସବରେ ଉପସ୍ଥିତ ସାହିତ୍ୟିକ ଓ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

### ଦ୍ୱିତୀୟ ନୟାଗଡ଼ ସାହିତ୍ୟ ଉତ୍ସବ

କବି ରାଧାରାଣୀ ସରକାର ଏହାକୁ ସଂଯୋଜନା କରିଥିଲେ। ଏଥିରେ ଗବେଷକ ଓ ଖବରଦାତା ହରିହର ପଣ୍ଡା, କଥାକାର ଭାରତ ଭୂଷଣ ରଥ, କଥାକାର ମିୟୋଗ ରଞ୍ଜନ ପାତ୍ର, କବି ପ୍ରଶାନ୍ତ କୁମାର ଦାଶ ପ୍ରମୁଖ ଭାଗ ନେଇଥିଲେ। କବି ଶେଖ୍ ଅବଦୁଲ ଖାଲିକ ଓ କଥାକାର ହାଡ଼ିବନ୍ଧୁ ମହାଖୁଡଙ୍କୁ ଏ ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସ୍ଥାନୀୟ ଅଞ୍ଚଳର ଶିକ୍ଷୟିତ୍ରୀ ପାର୍ବତୀ ପଣ୍ଡାଙ୍କ ରଚିତ ସମ୍ଭାର ଅନେକ ଉତ୍କଣ୍ଠାର ବହିକୁ ମଧ୍ୟ ଅତିଥିମାନେ ଉନ୍ମୋଚନ କରିଥିଲେ। ଅପରାହ୍ନରେ ୫୦ରୁ ଊର୍ଦ୍ଧ୍ୱ ସାହିତ୍ୟିକ, କବି. ଲେଖକ ସ୍ୱରଚିତ ଲେଖା, କବିତା ଆଦି ପାଠ କରିଥିଲେ।

# ଜିଲା ପାଇଁ ଗର୍ବ ଆଣିଲେ ୩ ଛାତ୍ରୀ


ସ୍ୱାଗତିକା ମିଶ୍ରଙ୍କୁ ରାଜ୍ୟପାଳ ପୁରସ୍କାର ପ୍ରଦାନ କରୁଛନ୍ତି।

**ନୟାଗଡ଼ ଅଫିସ, ୧୨।୨:**

### ରାଷ୍ଟ୍ରପତିଙ୍କଠାରୁ ମାନପତ୍ର, ସ୍ୱର୍ଣ୍ଣ ପଦକ ପାଇଲେ

ରମାଦେବୀ ମହିଳା ମହାବଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ମାନପତ୍ର, ସ୍ୱର୍ଣ୍ଣ ପଦକ ଓ ଆର୍ଥିକ ପୁରସ୍କାର ନୟାଗଡ଼ ଜିଲାର ୩ ଛାତ୍ରୀ ପାଇଛନ୍ତି। ଏହି ପୁରସ୍କାର ପାଇ ସମ୍ପୃକ୍ତ ଛାତ୍ରୀମାନେ ନୟାଗଡ଼ଜିଲା ପାଇଁ ଗର୍ବ ଓ ଗୌରବ ଆଣି ପାରିଛନ୍ତି। ବିଶ୍ୱ ବିଦ୍ୟାଳୟ ସ୍ତରରେ ଆୟୋଜିତ ରମାଦେବୀ ସ୍ମାରକୀ ଓଡ଼ିଆ ପ୍ରବନ୍ଧ ପ୍ରତିଯୋଗିତାରେ ନୟାଗଡ଼ ବ୍ଲକ ଭାଟସାହି ଲଡୁକେଶ୍ୱରପ୍ରସାଦର ସ୍ୱାଗତିକା ମିଶ୍ର ପ୍ରଥମ ସ୍ଥାନ ପାଇଁ ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ରାଜ୍ୟପାଳ ଗଣେଶୀ ଲାଲଙ୍କଠାରୁ ମାନପତ୍ର, ଉତ୍ତରୀୟ ଓ ଆର୍ଥିକ ପୁରସ୍କାର ପାଇଛନ୍ତି। ସେହିପରି ସ୍ୱାଗତିକା ରମାଦେବୀଙ୍କ ଜୀବନରେ ଗାନ୍ଧୀବାଦର ପ୍ରଭାବ ପ୍ରବନ୍ଧରେ, ମହିଳାମାନେ ପୁରୁଷମାନଙ୍କ ପରି ହକି ଖେଳି ପାରିବେ କି ବକ୍ତୃତାରେ ଓ ଗଣତନ୍ତ୍ର ଶାସନରେ ଯୁବଶକ୍ତିର ଭୂମିକା ଉପରେ ଅନୁରୂପ ଭାବେ ପ୍ରଥମ ସ୍ଥାନ ଅକ୍ତିଆର କରିଛନ୍ତି। ଅନ୍ୟପକ୍ଷେ ନୂଆଗାଁ ବ୍ଲକ ଚାହାଳି ଗାଁର ସ୍ୱୟଂପ୍ରଭା ବେହେରା ରମାଦେବୀ ମହିଳା ମହାବିଦ୍ୟାଳୟର ଅର୍ଥଶାସ୍ତ୍ର ବିଭାଗରେ ଟପ୍ପର ହୋଇ ରାଷ୍ଟ୍ରପତିଙ୍କଠାରୁ ସ୍ୱର୍ଣ୍ଣ ପଦକ ସହ ବୃତ୍ତି ପାଇଛନ୍ତି। ରଣପୁରର ଜଣେ ଛାତ୍ରୀ ମଧ୍ୟ ଅନୁରୂପ ଭାବେ ପୁରସ୍କୃତ ହୋଇଛନ୍ତି।

## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ବ୍ରହ୍ମପୁର ଅଫିସ, ୧୨।୨:** ବ୍ରହ୍ମପୁର ବଡବଜାର ଥାନା ଅନ୍ତର୍ଗତ ଜଗବନ୍ଧୁ ସାହିରେ କାହ୍ନା ପାତ୍ର ନାମକ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ନଂ.୪୩/୨୩ ରେ ଏକ ମାମଲା ରୁଜୁ କରିଛି। ପ୍ରକାଶ ଯେ, ପ୍ରହ୍ଲାଦ ନଗର ୪ର୍ଥ ଲାଇନ୍‌ର କାହ୍ନା ଏକ ଦୋକାନରୁ ସାମଗ୍ରୀ କିଣୁଥିବା ବେଳେ କାଳିଆ ସେଠୀ ନାମକ ଜଣେ ଯୁବକ ତାଙ୍କୁ ହଠାତ୍ ମଦ ବୋତଲରେ ଆକ୍ରମଣ କରିଥିଲେ। କାହ୍ନା କାଳିଆଙ୍କୁ କାହିଁକି ମାରୁଛ ବୋଲି ପଚାରିବାରୁ କାଳିଆ ହାତରେ ଧରିଥିବା ମଦ ବୋତଲରେ କାହ୍ନାଙ୍କ ପେଟ ଓ ମୁଣ୍ଡକୁ ମାରିଥିଲେ। ଫଳରେ କାହ୍ନାଙ୍କ ଶରୀରର ବିଭିନ୍ନ ଜାଗାରେ କ୍ଷତସୃଷ୍ଟି ହୋଇଥିଲା। ପୂର୍ବ ଶତ୍ରୁତାରୁ କାହ୍ନାଙ୍କୁ ଆକ୍ରମଣ କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

### ଜିଆରପି ଇନ୍ସପେକ୍ଟରଙ୍କ ନାମରେ ନକଲି ଏକାଉଣ୍ଟ

**ବ୍ରହ୍ମପୁର ଅଫିସ, ୧୨।୨:** ରେଳବାଇ ପୋଲିସ (ଜିଆରପି) ଥାନା ଇନ୍ସପେକ୍ଟରଙ୍କ ନାମରେ ନକଲି ଫେସ୍‌ବୁକ ଆକାଉଣ୍ଡ ଖୋଲାଯାଇଛି। ସାଇବର ଠକ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ନାୟକଙ୍କ ନାମ ଓ ଫୋଟକୁ ବ୍ୟବହାର କରି ଏକ ଆକାଉଣ୍ଟ ଖୋଲିଛନ୍ତି। ଉକ୍ତ ଫେସବୁକ ଆକାଉଣ୍ଟ ଜରିଆରେ ବିଭିନ୍ନ ବ୍ୟକ୍ତିଙ୍କୁ ସାଇବର ଠକ ମାନେ ମେସେଜ ପଠାଉଛନ୍ତି। ତାଙ୍କର ଜଣେ ବନ୍ଧୁ ସିଆରପିଏଫର ଜଣେ ଅଧିକାରୀ ଭାବରେ କାର୍ଯ୍ୟ କରୁଛନ୍ତି। କିଛି ଦିନ ହେବ ତାଙ୍କ ବନ୍ଧୁଙ୍କ ଅନ୍ୟତ୍ର ବଦଳି ହୋଇଯାଇଛି। ତେଣୁ ସେ ରହୁଥିବା ଘରର ଆସବାବପତ୍ରକୁ ଅତି କମ୍ ଦରରେ ବିକ୍ରି କରିବାକୁ ଚାହୁଁଥିବା ଉକ୍ତ ମେସଜେରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ଘଟଣାକୁ ନେଇ ଥାନା ଇନ୍ସପେକ୍ଟର ନାୟକ ଅବଗତ ଅଛନ୍ତି। ସାଇବର ଠକମାନେ ତାଙ୍କ ପରିବାର ସଦସ୍ୟ ସମେତ ଅନେକ ବନ୍ଧୁଙ୍କ ନିକଟକୁ ଏଭଳି ମେସେଜ କରିଥିବା ସେ ଜାଣିବାକୁ ପାଇଛନ୍ତି। ସେହିପରି ଏନେଇ ସେ ସାଇବର ଥାନାରେ ଅଭିଯୋଗ କରିବେ ବୋଲି କହିଛନ୍ତି।

# ବସନ୍ତ ମଞ୍ଜରୀ ଡାକ୍ତରଖାନାକୁ ଭେଷଜ ମହାବିଦ୍ୟାଳୟ କରିବାକୁ ଦାବିପତ୍ର

**ରଣପୁର, ୧୨।୨ (ସ୍ୱ.ପ୍ର.)**

ନୟାଗଡ଼ ଜିଲା ରଣପୁର ବ୍ଲକ ଅଧୀନରେ ଥିବା ଚାନ୍ଦପୁର ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟକୁ ଭେଷଜ ମହାବିଦ୍ୟାଳୟରେ ପରିଣତ କରିବା ଓ ସରକାରୀ ଭାବେ ଘୋଷଣା କରିବାକୁ ବହୁଦିନରୁ ଦାବି ହୋଇଆସୁଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରବିବାର ଏହି ଦାବି ପତ୍ର ସାଂସଦ ମାନସ ମଙ୍ଗରାଜଙ୍କୁ ପ୍ରଦାନ କରାଯାଇଛି। ମେଡିକାଲ କ୍ରିୟାନୁଷ୍ଠାନ କମିଟି ସଭ୍ୟ ଧନେଶ୍ୱର ଅଗ୍ରୱାଲ, ବିଜୟ ମହାପାତ୍ର, ବିଜୟ ପ୍ରଧାନ, ବିପିନ ନାୟକ, ମନୋଜ ଦାସ ଓ ସରପଞ୍ଚ ଚାନ୍ଦପୁର ପ୍ରମୁଖ ମଙ୍ଗରାଜଙ୍କୁ ପୂର୍ବାହ୍ନରେ ଭେଟି ପ୍ରଦାନ କରିଛନ୍ତି। ମଙ୍ଗରାଜ କମିଟିର ଅନୁରୋଧକ୍ରମେ ମୁଖ୍ୟ ଉପଦେଷ୍ଟା ରହିବା ପାଇଁ ନିଜସ୍ୱ ସମ୍ମତି ପ୍ରଦାନ କରିଥିବାରୁ ଅଞ୍ଚଳବାସୀ କୃତଜ୍ଞତା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଦାବିପତ୍ରର ଅବିକଳ ନକଲ ଏମ୍‌ପି ପୁରୀ, ବିଧାୟକ ରଣପୁର, ଚିଲିକା, ଖୋର୍ଦ୍ଧା, ରାଜ୍ୟ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ଜିଲାପାଳ ନୟାଗଡ଼ଙ୍କୁ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ରାଜ୍ୟ ସରକାର ୨୦୧୨ ମସିହାରେ ସରକାରୀ ଘରୋଇ ସହଭାଗିତାରେ ଏହି ଚିକିତ୍ସାଳୟକୁ ମେଡ଼ିକାଲ କଲେଜ ପାଇଁ ପ୍ରାୟତଃ ସ୍ଥିର ହୋଇଥିଲା। ମାତ୍ର ସାଧାରଣ ଜନତାଙ୍କ ତୀବ୍ର ବିରୋଧ ଯୋଗେ ଏହା ହୋଇ ନ ଥିଲା। ରାଜ୍ୟର ସର୍ବବୃହତ ଯକ୍ଷ୍ମା ଚିକିତ୍ସାଳୟ ଏବେ ବସନ୍ତ ମଞ୍ଜରୀ ସାଧାରଣ ଚିକିତ୍ସାଳୟ ଅଟେ। ୧୦୦ ଏକର ପରିମିତ ରାଜ୍ୟର ପ୍ରଥମ ମହିଳା ମନ୍ତ୍ରୀ ରଣପୁର ରାଜମାତା ବସନ୍ତ ମଞ୍ଜରୀ ଦେବୀ ଏହାକୁ ପ୍ରତିଷ୍ଠା କରିଥିଲେ। ବିଗତ ୫୦ ଦଶକରେ ଓ ସମସ୍ତ ଭିତ୍ତିଭୂମି ଥିବା ଏହି ଚିକିତ୍ସାଳକୁ ତୁରନ୍ତ ସରକାରୀ ଭେଷଜ ମହାବିଦ୍ୟାଳୟ କରିବାକୁ ଅଞ୍ଚଳର ଜନସାଧାରଣ ଦାବି ଜୋର ଧରିଛି। ବରିଷ୍ଠ ନାଗରିକ ମଞ୍ଚ ସଭାପତି ଧନେଶ୍ୱର ଅଗ୍ରୱାଲଙ୍କ ନେତୃତ୍ୱରେ ୨୧ ଜଣିଆ ମେଡିକାଲ କ୍ରିୟାନୁଷ୍ଠାନ କମିଟି ଗଢ଼ାଯାଇଛି। ଆଗାମୀଦିନରେ ରାଜ୍ୟ ସରକାର ଭେଷଜ ମହାବିଦ୍ୟାଳୟ ଘୋଷଣା କଲେ ଏହି ଅଞ୍ଚଳର ବିକାଶ ହୋଇପାରିବ ବୋଲି ସେମାନେ କହିଛନ୍ତି।


ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସାଂସଦ ମାନସ ମଙ୍ଗରାଜଙ୍କୁ କମିଟିର ସଦସ୍ୟମାନେ ଦାବିପତ୍ର ଦେଉଛନ୍ତି।

# ମଦ ରାନ୍ଧିବା, ପିଇବାକୁ ଜୋରଦାର ବିରୋଧ

**ଦଶପଲ୍ଲା, ୧୨।୨ (ଡି.ଏନ.ଏ.)**

ଦଶପଲ୍ଲା ବ୍ଲକ ନଛିପୁର ପଞ୍ଚାୟତ ପଥୁରିଆର ଜଗନ୍ନାଥ ଆଞ୍ଚଳିକ ମଞ୍ଚ ମହିଳାମାନେ ରବିବାର ଗ୍ରାମରେ ମଦ ପିଇବା ଓ ରାନ୍ଧିବାକୁ ବିରୋଧ କରି ଏକ ରାଲିରେ ବିଭିନ୍ନ ଗ୍ରାମର ଲୋକମାନଙ୍କୁ ସଚେତନ କରାଇ ଥିଲେ। ୧୧ ଟି ମହିଳା ସ୍ୱୟଂ ସହାୟକା ଗୋଷ୍ଠୀର ୧୨୧ଜଣ ମହିଳା ଏହି ରାଲିରେ ଅଂଶଗ୍ରହଣ କରି ପୁରୁଷ, ଯୁବକମାନଙ୍କୁ ମଦ ନ ପିଇବାକୁ ବୁଝାଇବାକୁ ଚେଷ୍ଟା କରିଥିଲେ। ମଦ ପିଇବା ଦ୍ୱାରା ହେଉଥିବା ଅର୍ଥହାନୀ, ଶାରିରୀକ ଅସୁସ୍ଥତା, ଅକାଳ ବାର୍ଦ୍ଧକ୍ୟ, ଅକାଳ ମୃତ୍ୟୁ ଆଦି ହେବା ଯୋଗୁ ସମ୍ପୃକ୍ତ ପରିବାରର ମହିଳା ଜଣକ ସାରା ଜୀବନ ଦୁଃଖରେ କାଳାତିପାତ କରିବାକୁ ବାଧ୍ୟ ହେଉଛି। ସମସ୍ତଙ୍କୁ ବୁଝାଇ ଗ୍ରାମରେ ମଦ ରାନ୍ଧିବା ଆଉ ପିଇବାକୁ ଦେବେ ନାହିଁ ବୋଲି ମହିଳାମାନେ କହିଥିଲେ। ଏହି ରାଲିରେ ୱାର୍ଡ ମେମ୍ବର ମଞ୍ଜୁ ବେହେରା, ସିଆରପି ଝୁନୁଲତା ନାୟକ, ସଭାନେତ୍ରୀ ଅଞ୍ଜଳି ବେହେରା, ସମ୍ପାଦିକା ରଞ୍ଜିତା ବେହେରା, କୋଷାଧ୍ୟକ୍ଷା ଲକ୍ଷ୍ମୀ ବେହେରା ଓ ବହୁ ସଭ୍ୟା ଉପସ୍ଥିତ ଥିଲେ। ତେବେ କେତେଜଣ ଲୋକଙ୍କ ଉପରେ ଏହି ସଚେତନତା କାର୍ଯ୍ୟକ୍ରମର ପ୍ରଭାବ ଦେଖିବାକୁ ମିଳିଛି ବୋଲି ସାଧାରଣରେ ଆଲୋଚନା ହେଉଛି।


ମହିଳାମାନେ ମଦ ପିଇବାକୁ ବାରଣ କରି ଶୋଭାଯାତ୍ରାରେ ଯାଉଛନ୍ତି।

# ମହିଳାମାନେ ଆଇନ ସମ୍ପର୍କରେ ସଚେତନ ହୁଅନ୍ତୁ



ଆଇନ ସଚେତନତା ଶିବିରରେ ଉପସ୍ଥିତ ଅତିଥିମାନେ।

**ଦଶପଲ୍ଲା, ୧୨।୨ (ଡି.ଏନ.ଏ.)**

ମହିଳାମାନେ ସେମାନଙ୍କ ପାଇଁ ଥିବା ସ୍ୱତନ୍ତ୍ର ଆଇନ ସମ୍ପର୍କରେ ସଚେତନ ହୁଅନ୍ତୁ। ମହିଳାମାନେ ଆଇନ ସମ୍ପର୍କରେ ସଚେତନ ହେଲେ ସଶକ୍ତ ହୋଇପାରିବେ ବୋଲି ଦଶପଲ୍ଲା ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ତଥା ଜେଏମ୍‌ଏଫ୍‌ସି ସୌମ୍ୟରଞ୍ଜନ ପୃଷ୍ଟି ପ୍ରକାଶ କରିଛନ୍ତି। ଜାତୀୟ ଆଇନ ସେବା ପ୍ରାଧିକରଣ ଓ ଜାତୀୟ ମହିଳା କମିଶନଙ୍କ ମିଳିତ ସହଯୋଗରେ ରାଜ୍ୟ ଆଇନ ସେବା ପ୍ରାଧିକରଣ ଓ ଦଶପଲ୍ଲା ତାଲୁକ୍ ଆଇନ ସେବା କମିଟିର ମିଳିତ ଆୟୋଜନକ୍ରମେ ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହ ପରିସରରେ ଅନୁଷ୍ଠିତ ଏହି ସଚେତନତା ଭିତ୍ତିକ ମହିଳା ସଶକ୍ତିକରଣ କାର୍ଯ୍ୟକ୍ରମରେ ଯୋଗଦେଇ ସେ ଏହା ପ୍ରକାଶ କରିଛନ୍ତି। ଏହାସହ ମହିଳାମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ ସମ୍ପର୍କରେ ସେ ମତବ୍ୟକ୍ତ କରିଥିଲେ। ବିଚାରପତି ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଜିଲ୍ଲା ଆଇନୀ ସେବା ପ୍ରାଧିକରଣ ସଦସ୍ୟ ଏମ୍‌ଡି ଓମାର ମଲିକ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଏବିଡିଓ ସତ୍ୟନାରାୟଣ ସେଠୀ, ଆଇନଜୀବୀ ଶରତ ଚନ୍ଦ୍ର ବେହେରା, କୃଷ୍ଣଚନ୍ଦ୍ର ଦାସ, ଉପେନ୍ଦ୍ର ମିଶ୍ର, ଏପିପି ଦିଲୀପ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ମହିଳାମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ ଓ ମହିଳା ସଶକ୍ତିକରଣ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଶେଷରେ ପଣ୍ଡା ଧନ୍ୟବାଦ୍ ଦେଇଥିବା ବେଳେ ଏହି ସଭାରେ ଆଇନଜୀବୀ ଆଲୋକ ସେନାପତି, ପ୍ରମୋଦ କୁମାର ସାହୁଙ୍କ ସହ ବହୁ କଲେଜ ଛାତ୍ରୀ, ଶିକ୍ଷୟିତ୍ରୀ, ଅଙ୍ଗନୱାଡ଼ି କର୍ମୀ ଯୋଗ ଦେଇଥିଲେ।

### ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ୍ ଉଦ୍ୟମ

**ବ୍ରହ୍ମପୁର ଅଫିସ, ୧୨।୨**

ବ୍ରହ୍ମପୁର ସହରରେ ଶନିବାର ବିଳମ୍ବିତ ରାତିରେ ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆର ଏକ ଏଟିଏମ୍‌କୁ ଦୁର୍ବୃତ୍ତମାନେ ତାଡି ଦେଇଛନ୍ତି। ଉକ୍ତ ଏଟିଏମ୍‌ରେ କୌଣସି ଗାର୍ଡ ନ ଥିଲେ। ଏପରିକି ସେଥିରୁ ଟଙ୍କା ଲୁଟି ନେବା ଉଦ୍ୟମ କରିଥିଲେ ମଧ୍ୟ ବିଫଳ ହୋଇଛନ୍ତି। ପୋଲିସ ପହଞ୍ଚି ବିଭିନ୍ନ ସ୍ଥାନରୁ ସିସିଟିଭି ଫୁଟେଜ ସଂଗ୍ରହ କରି ତଦନ୍ତ ଜାରି ରଖିଛି। ପ୍ରାଥମିକ ତଦନ୍ତରୁ ଜଣେ ବ୍ୟକ୍ତି ଏଟିଏମରେ ପଶି ଏଭଳି କାଣ୍ଡ ଘଟାଇଛନ୍ତି। ଶନିବାର ବିଳମ୍ବିତ ରାତିରେ ଗୋବିନ୍ଦବିହାରରେ ଥିବା ଏସ୍‌ବିଆଇ ଏଟିଏମ୍‌ରେ ଜଣେ ଲୁଟେରା ଟଙ୍କା ବାକ୍ସ ଭାଙ୍ଗିବା ଆରମ୍ଭ କରି ବିଫଳ ହୋଇଥିଲେ। ପ୍ଲାଷ୍ଟିକ କଭର ଭାଙ୍ଗିବା ପରେ ସେଠାରେ ଥିବା ସିସିଟିଭି କ୍ୟାମେରାକୁ ନେଇ ଫେରାର ହୋଇଯାଇଥିଲେ। ରବିବାର ଜଣେ ଗ୍ରାହକ ଟଙ୍କା ଉଠାଇବା ପାଇଁ ଯାଇଥିବା ବେଳେ ଏହା ଦେଖି ପୋଲିସକୁ ଖବର କରିଥିଲେ।

# ମଧ୍ୟଖଣ୍ଡ ନୋଡାଲ ହାଇସ୍କୁଲର ହୀରକ ଜୟନ୍ତୀ

**ଦଶପଲ୍ଲା, ୧୨।୨ (ଡି.ଏନ.ଏ.)**

ଦଶପଲ୍ଲା ବ୍ଲକ ଅନ୍ତର୍ଗତ ମଧ୍ୟଖଣ୍ଡ ନୋଡାଲ ହାଇସ୍କୁଲର ହୀରକ ଜୟନ୍ତୀ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ, ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ମୁଖ୍ୟ ବକ୍ତା ଭାବେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ବସନ୍ତ ପ୍ରଧାନ, ସ୍ଥାନୀୟ ସରପଞ୍ଚ ସସ୍ମିତା ପ୍ରଧାନ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ବହୁ ପୁରାତନ ଛାତ୍ରୀଛାତ୍ରଙ୍କ ସମେତ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।



ହରକ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ପୁସ୍ତକ ମହୋତ୍ସବ, କ୍ୟାରିୟର ମେଳାର ସ୍ଥାନ ବଦଳିଲା

**ନୟାଗଡ଼ ଅଫିସ, ୧୨।୨:**

ନୟାଗଡ଼ ଜିଲା ସଂସ୍କୃତି ପରିଷଦ ଓ ପୁସ୍ତକ ମହୋତ୍ସବ କମିଟି ଦ୍ୱାରା ନୟାଗଡ଼ ପୁସ୍ତକ ମହୋତ୍ସବ ଓ କ୍ୟାରିୟର ମେଳା ଆୟୋଜିତ ହେବାକୁ ଯାଉଛି। ଏଥିପାଇଁ ଶନିବାର ସନ୍ଧ୍ୟାରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁସ୍ତକ ମହୋତ୍ସବ ଓ କ୍ୟାରିୟର ମେଳା ଆସନ୍ତା ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବେଳେ ଏହାର ସ୍ଥାନ ପରିବର୍ତ୍ତନ ହୋଇଛି। ପଠାଣି ସାମନ୍ତ ଅଡିଟୋରିୟମ ପଡ଼ିଆ ବଦଳରେ ପୁସ୍ତକ ମହୋତ୍ସବ ପୂର୍ବ ନିଷ୍ପତ୍ତି ମୁତାବକ ଦକ୍ଷିଣକାଳୀ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ସଂଖ୍ୟାଧିକ ପୁସ୍ତକ ବିକ୍ରେତା ଓ କ୍ୟାରିୟର କାଉନସେଲିଂ ସଂସ୍ଥା ଏହି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଥିବା ବେଳେ ପ୍ରତ୍ୟେକ ଦିନ ରାଜ୍ୟର ସୁନାମ ଧନ୍ୟ ସାହିତ୍ୟିକଙ୍କୁ ନେଇ ସାହିତ୍ୟ ସଭା ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ଉଦ୍‌ଘାଟକ ଭାବେ କଥା ପତ୍ରିକାର ସମ୍ପାଦକ ଗୌରହରି ଦାଶ ଯୋଗ ଦେବାକୁ ଥିବା ବେଳେ ପ୍ରାବନ୍ଧିକ ଚନ୍ଦ୍ରଶେଖର ହୋତା, କଥାକାର ଅଜୟ ସ୍ୱାଇଁ, ଡ. ଅରବିନ୍ଦ ରାୟ, ଶୁଭଶ୍ରୀ ଲେଙ୍କା, ସ୍ତମ୍ଭକାର ଛନ୍ଦା ମିଶ୍ର ପ୍ରମୁଖ ଯୋଗ ଦେବେ ବୋଲି କର୍ଯ୍ୟକ୍ରମ ରହିଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପୁସ୍ତକ ମହୋତ୍ସବ ସହ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଯୋଡ଼ିବା ପାଇଁ ଉଦ୍ୟମ କରାଯିବା ଆବଶ୍ୟକ ବୋଲି ବିଧାୟକ ସାହୁ ମତ ରଖିଥିଲେ। ପ୍ରସ୍ତୁତି ବୈଠକରେ କାର୍ଯ୍ୟକ୍ରମର ସଂଯୋଜକ ସଞ୍ଜୟ କୁମାର ସ୍ୱାଇଁ, ଧୀରେନ୍ଦ୍ର ପଟ୍ଟନାୟକ, ଅନୀଲ କୁମାର ପଣ୍ଡା, ଶ୍ରୀକାନ୍ତ ଖଟେଇ, ଗୋଦାବରୀଶ ସାହୁ, ଶେଖ୍ ଅବଦୁଲ ଖାଲିକ, ନିର୍ମଳ ଚନ୍ଦ୍ର ଶୂରଦେଓଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ।


ପ୍ରସ୍ତୁତି ବୈଠକରେ ଉପସ୍ଥିତ ବିଧାୟକ ଅରୁଣ ସାହୁ ଓ ଅନ୍ୟମାନେ।

# ଇଟାମାଟି ରାଜ୍ୟସ୍ତରୀୟ ଫୁଟବଲ କପ: ଭୁବନେଶ୍ୱର ଚାମ୍ପିୟନ

**ନୟାଗଡ଼ ଅଫିସ, ୧୨।୨:**

ଇଟାମାଟି ଯଦୁମଣି ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଇଟାମାଟିର ବାମନ ଅବକାଶ ହାଇସ୍କୁଲ ଖେଳ ପଡ଼ିଆରେ ଚାଲିଥିବା ୧୫ ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚରେ ସାନ କ୍ଲବ ଭୁବନେଶ୍ୱର ଆୟୋଜକ ଇଟାମାଟି ଯଦୁମଣି ଆଥ୍‌ଲେଟିକ ଆସୋସିଏଶନକୁ ୨-୧ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଛି। ପ୍ରଥମାର୍ଦ୍ଧ ଖେଳର ୨୮ତମ ମିନିଟ୍‌ରେ ସାନ କ୍ଲବ ଭୁବନେଶ୍ୱରର ୧୨ ନଂ. ଖେଳାଳି ହେମ୍ବ୍ରମ ଗୋଲ କରି ଦଳକୁ ଅଗ୍ରଣୀ ରଖିଥିଲେ। ଖେଳର ୪୪ତମ ମିନିଟ୍‌ରେ ପୁଣି ଭୁବନେଶ୍ୱର ଦଳର ୮ ନଂ. ଖେଳାଳି ସୁନିଲ ୨ୟ ଗୋଲ କରିଥିଲେ। ଖେଳର ଶେଷ ପର୍ଯ୍ୟାୟରେ ଇଟାମାଟି ଦଳର ୧୨ ନଂ. ଖେଳାଳି ବାପୁନି ବେହେରା ଗୋଟିଏ ଗୋଲ ପରିଶୋଧ କରିଥିଲେ। ରେଫେରି ଅଶୋକ କହଁର ଖେଳ ପରିଚାଳନା କରିଥିବାବେଳେ ଲାଇନ୍ସରେ ଦେବରାଜ ସ୍ୱାଇଁ, ରବୀନ୍ଦ୍ର ନାଥ ନାୟକ, ବିଦେଶୀ ନାୟକ ସହଯୋଗ କରିଥିଲେ। ଖେଳ ଶିକ୍ଷକ ଅମୀୟ ମୋହନ ସାହୁ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ସାନ କ୍ଲବ ଭୁବନେଶ୍ୱରର ୧୨ନଂ, ଖେଳାଳି ହେମ୍ବ୍ରମଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ୮ ନଂ. ଖେଳାଳି ସୁନିଲଙ୍କୁ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଛି। ଖେଳ ଆରମ୍ଭରେ ସ୍କୁଲ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମୁଖ୍ୟଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇ ଚାମ୍ପିୟନ ସାନ କ୍ଲବ ଭୁବନେଶ୍ୱରକୁ ୮ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟ କ୍ଷୀରୋଦ ମହାପାତ୍ର ଓ ଆଶିଷ ଅଗ୍ରୱାଲ, ଇଟାମାଟି ସରପଞ୍ଚ ସ୍ୱପ୍ନେଶ୍ୱର ସେଠୀ ଓ ସମିତିସଭ୍ୟା ଗୋଲାପରାଣୀ ସେଠୀ ଅତିଥି ରୂପେ ଯୋଗ ଦେଇଥିଲେ।



ଚାମ୍ପିୟନ ଭୁବନେଶ୍ୱର ଦଳକୁ ଅତିଥିମାନେ ଟ୍ରଫି ଓ ଅର୍ଥରାଶି ଚେକ୍ ପ୍ରଦାନ କରୁଛନ୍ତି।

# ୩ ପରିବାରର ୫ ବଖରା ଜଳିଗଲା



ରସୁଲପୁର,୧୨।୨(ଡି.ଏନ.ଏ.):

ଯାଜପୁର ଜିଲା ରସୁଲପୁର ତହସିଲ ଓ ପହଁଗା ରାଜସ୍ୱ ସର୍କଲ ଅଧୀନ ଲକ୍ଷ୍ମୀନଗର ପଞ୍ଚାୟତ ରାଧାନଗର ଗ୍ରାମରେ ରବିବାର ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୩ ପରିବାରର ୫ ବଖରା ବାସଗୃହ ଜଳିଯାଇଛି। ଅଗ୍ନିକାଣ୍ଡକୁ ପ୍ରଶମିତ କରିବାରେ ଯାଜପୁରରୋଡ ଦମକଳ ବାହିନୀ ନିୟୋଜିତ ହୋଇଥିଲା। ମାତ୍ର ଅଗ୍ନିକାଣ୍ଡରୁ ଘରେ ଥିବା ମୂଲ୍ୟବାନ ସମ୍ପତ୍ତିକୁ ଉଦ୍ଧାର କରିପାରି ନ ଥିଲେ। ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ଘରକଣା ସାମଗ୍ରୀ ଜଳି ପାଉଁଶ ହୋଇଯାଇଛି। ବିପନ୍ନ ହେଲେ ୩ ଭାଇ ନୀଳମଣି ପତ୍ରୀ, ଦିନବନ୍ଧୁ ପତ୍ରୀ, ଶତ୍ରୁଘ୍ନ ପତ୍ରୀ। ତେବେ କେଉଁ କାରଣରୁ ନିଆଁ ଲାଗିଲା ତାହା ଜଣାପଡ଼ି ନାହିଁ। ପହଁଗା ରାଜସ୍ୱ ନିରୀକ୍ଷକ ରମେଶ ଚନ୍ଦ୍ର ସାହୁ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହ ୩ଟି ପଲିଥିନ ଯୋଗାଇ ଦେଇଛନ୍ତି। ସରପଞ୍ଚ ସର୍ବେଶ୍ୱର ସାହୁ ବିପନ୍ନଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରିଥିଲେ। ସୋମବାର ରସୁଲପୁର ତହସିଲଦାର ବିପନ୍ନଙ୍କୁ ଭେଟି କ୍ଷୟକ୍ଷତି ଆକଳନ କରିବେ ବୋଲି ସୂଚନା ମିଳିଛି। ଏହି ୩ ପରିବାର ମଧ୍ୟରୁ ୨ଟି ପରିବାର ଆବାସ ପାଇବା ପାଇଁ ଯୋଗ୍ୟ ତାଲିକାରେ ସ୍ଥାନ ପାଇଥିବା ବେଳେ ଆଉ ଜଣେ ପରିବାରକୁ ଉକ୍ତ ତାଲିକାରେ ସଂଯୋଗ ପାଇଁ ସହଯୋଗ କରାଯିବ ବୋଲି ସରପଞ୍ଚ ସାହୁ ପ୍ରକାଶ କରିଛନ୍ତି।

# ମାଟି ତଳେ ଲୁଚିଛି କୀର୍ତ୍ତିରାଜି

## ଜିଲା ମହୋତ୍ସବରେ ଆଲୋଚନାଚକ୍ର

ଯାଜପୁର ଅଫିସ,୧୨।୨

ଯାଜପୁର ଇତିହାସ ହୁଏତ କିଛି ଅଂଶ ବିଲୁପ୍ତ ହୋଇଯାଇଛି। କିନ୍ତୁ ଏକଥା ନିଶ୍ଚିତ ସ୍ୱୀକାର୍ଯ୍ୟ ଯେ, ଯାଜପୁରକୁ ବାଦ୍ ଦେଇ ଓଡ଼ିଶାର ଇତିହାସ ଲେଖିବା ଦିବାସ୍ୱପ୍ନ ହୋଇଯାଇପାରେ। ଯଦି ଯାଜପୁରର ଇତିହାସକୁ ଆମେ ଛାଡି ଦେବା ତେବେ ଓଡ଼ିଶାର କୌଣସି ଇତିହାସ ପୂର୍ଣ୍ଣାଙ୍ଗ ହୋଇପାରିବ ନାହିଁ। ଯାଜପୁର ଜିଲା ମହୋତ୍ସବ ଅବସରରେ ରବିବାର ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଆୟୋଜିତ ଐତିହ୍ୟ ଓ ସଂସ୍କୃତି ଶୀର୍ଷକ ଆଲୋଚନାଚକ୍ରରେ ବକ୍ତାମାନେ ଏହି ମତବ୍ୟକ୍ତ କରିଛନ୍ତି। କଟକ ଭୂ-ଲେଖ ଓ ବନ୍ଦୋବସ୍ତ ଅତିରିକ୍ତ ଆୟୁକ୍ତ ଅକ୍ଷୟ କୁମାର ମଲ୍ଲିକଙ୍କ ସଭାପତିତ୍ୱ ଏବଂ ଜିଲା ସଂସ୍କୃତି ପରିଷଦର ସଦସ୍ୟ ଶୁଭେନ୍ଦୁ ଭୂୟାଁଙ୍କ ସଂଯୋଜନାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଯଜ୍ଞପ୍ରଭାର ସମ୍ପାଦକ ପଣ୍ଡିତ ଭୂପତି ଭୂଷଣ ମିଶ୍ର, ବିରଜା ଜ୍ୟୋତି ସମ୍ପାଦକ ଜ୍ଞାନରଞ୍ଜନ ପତି, ବିଶିଷ୍ଟ ଗବେଷକ ବିଜୟ କିଶୋର ସାମଲ ଓ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ଆଲୋଚକ ଭାବେ ଯୋଗଦେଇଥିଲେ। ଆଲୋଚନାଚକ୍ରରେ ମା’ ବିରଜାଙ୍କ ମୂଳ ମନ୍ଦିର ସମ୍ଭବତଃ ଭୌମ ଯୁଗରେ ଅଷ୍ଟମ



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି ଏବଂ ଅନ୍ୟମାନେ।

ଓ ନବମ ଶତାବ୍ଦୀରେ ତିଆରି ହୋଇଥିବ। ୧୫୬୮ ଖ୍ରୀଷ୍ଟାବ୍ଦରେ କଳାପାହାଡ଼ ଆକ୍ରମଣରେ ମା’ ବିରଜାଙ୍କ ମୂଳ ମନ୍ଦିର ଧୂଳିସାତ ହୋଇଥିଲା। ବର୍ତ୍ତମାନର ଯେଉଁ ମନ୍ଦିର ଅଛି ତାହାକୁ ପ୍ରାୟ ୧୦୦ ବର୍ଷ ତଳେ ଯାଜପୁର ଜମିଦାର ସୁଦର୍ଶନ ମହାପାତ୍ର ନିର୍ମାଣ କରିଥିଲେ। ଅତୀତର ଇତିହାସକୁ ଯଦି ବର୍ତ୍ତମାନ ବଞ୍ଚାଇବାକୁ ଉଦ୍ୟମ ନ କରିବା ତେବେ ଆମର ଉତ୍ତରପିଢି ଆମକୁ ଅଙ୍ଗୁଳି ନିର୍ଦ୍ଦେଶ କରିବେ। ଏବେ ବି ବୈତରଣୀ ନଦୀରୁ ବହୁ କୀର୍ତ୍ତିରାଜି ଉଦ୍ଧାର ହେଉଛି। ତେଣୁ ଆଜି ପର୍ଯ୍ୟନ୍ତ ଉତ୍ତମ ଭାବେ ଖନନ ହୋଇ ନ ଥିବାରୁ ଶହଶହ ପ୍ରାଚୀନ ମୂର୍ତ୍ତି ଓ କଳାକୃତି ମାଟି ତଳେ ଅଦୃଶ୍ୟ ହୋଇରହିଛି। ସେଗୁଡ଼ିକୁ ପୁନରୁଦ୍ଧାର ନ କରିବା ପର୍ଯ୍ୟନ୍ତ ଓଡ଼ିଶାର ଇତିହାସ କେବେ ବି ରଚନା କରି ହେବ ନାହିଁ। ତେଣୁ ପ୍ରଶାସନିକ ଅଧିକାରୀମାନେ ଅତୀତର କଳାକୃତିକୁ ପୁଣି ଉଦ୍ଧାର କରିବାକୁ ଯତ୍ନବାନ ହେବାର ଆବଶ୍ୟକତା ରହିଛି। ଏହାବାଦ ଏହି ମାଟିର ବଳିଷ୍ଠ ସାଂସ୍କୃତିକ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ସମସ୍ତେ ଏକଜୁଟ ହେବାକୁ ବକ୍ତାମାନେ ଆହ୍ୱାନ ଦେଇଛନ୍ତି। ଏହାସହ ଯାଜପୁରର କୀର୍ତ୍ତି ଓ କୃତି, ମୁକ୍ତି ସଂଗ୍ରାମର ବୀରମାଟି ଏବଂ ଯାଜପୁରର ସାରସ୍ୱତ ସ୍ରଷ୍ଟା ଓ ସେମାନଙ୍କ ସୃଷ୍ଟି ସମ୍ପର୍କରେ ବକ୍ତାମାନେ ଆଲୋକପାତ କରିଛନ୍ତି। ଏହି ଅବସରରେ ଜିଲାପାଳ ଚକ୍ରବର୍ତ୍ତି ସିଂ ରାଠୋର ଉଦ୍‌ଘାଟକ ଭାବେ ଯୋଗଦେଇ କଳା ଓ ସଂସ୍କୃତି ସମ୍ପର୍କରେ ସମ୍ୟକ ଧାରଣା ଦେଇଛନ୍ତି। ବୈଠକରେ ସଭାପତିତ୍ୱ କରିଥିବା ମଲ୍ଲିକ କହିଛନ୍ତି ଯେ, ଯାଜପୁର ମହୋତ୍ସବ-୨୦୨୩ ଉପଲକ୍ଷେ ଗବେଷଣାତ୍ମକ ପୁସ୍ତକ ‘ଯଯାତି’ ସଂସ୍କରଣରେ ସାରସ୍ୱତ ସାଧକମାନଙ୍କ ସହଯୋଗ ପ୍ରଶଂସନୀୟ। ଯାଜପୁର ଜିଲାର ଐତିହ୍ୟ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିବାରେ ଯଯାତି ନିଶ୍ଚିତ ଭାବେ ସହାୟକ ହେବ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଦୁଃଖବନ୍ଧୁ ନାୟକ, ଉପଜିଲାପାଳ ଗୋପୀନାଥ କୁଅଁର ମଞ୍ଚାସୀନ ଥିବାବେଳେ ପ୍ରୀତମ କୁମାର ମହାପାତ୍ର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଏବଂ ବଳରାମ ମହାନ୍ତି ଧନ୍ୟବାଦ ଦେଇଥିଲେ। ବୈଠକରେ କବି ଏକାଦଶୀ ପାଢ଼ୀଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

# ଝୁମାଇଲେ ଶ୍ରେୟା ଘୋଷାଲ

ଯାଜପୁର ଟାଉନ,୧୨।୧(ଡି.ଏନ.ଏ.)

## ଯାଜପୁର ଜିଲା ମହୋତ୍ସବର ୫ମ ସନ୍ଧ୍ୟା

ଯାଜପୁର ବାଳାଶ୍ରମ ପଡ଼ିଆଠାରେ ଚାଲିଥିବା ୧୧ତମ ଯାଜପୁର ଜିଲା ମହୋତ୍ସବର ୫ମ ସନ୍ଧ୍ୟାରେ ରବିବାର ହଜାରହଜାର ଦର୍ଶକ ସାମିଲ ହୋଇ ଓଲିଉଡ୍ ଓ ବଲିଉଡ୍ ଗାୟକଙ୍କ ଗୀତର ତାଳେ ତାଳେ ବେଶ୍ ଝୁମିଛନ୍ତି। ପ୍ରଥମ ବଲିଉଡ୍‌ର ଅମିତ୍ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ଡ୍ୟାନ୍ସର ଚମନା ନୃତ୍ୟ ପରିବେଷଣ କରି ଲୋକମାନଙ୍କୁ ମନମୁଗ୍ଧ କରିଥିଲେ। ସଂଗୀତ ସାଧନା ଆଶ୍ରମ, ଆହ୍ୱାନ ପକ୍ଷରୁ ସାଇଶ୍ରୀ ପୃଷ୍ଟି, ପ୍ରତିଭା ପ୍ରଧାନଙ୍କ ଗ୍ରୁପ୍ ଡ୍ୟାନ୍ସ ସହ ଓଲିଉଡ୍‌ର ଅଭିନେତା ସବ୍ୟସାଚୀ, ଅର୍ଚ୍ଚିତା ଓ ଶିବାନୀ ପ୍ରମୁଖ ମଞ୍ଚରେ ସେମାନଙ୍କ ସଂଗୀତ ପରିବେଷଣ କରିବା ପରେ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ଏହାପରେ ଦେଶର ଖ୍ୟାତନାମା ଓ ପ୍ରତିଷ୍ଠିତ ବଲିଉଡ ଗାୟିକା ଶ୍ରେୟା ଘୋଷାଲ ନିଜର ଯାଦୁଗରି କଣ୍ଠରେ ସଂଗୀତ ଗାଇ ଲୋକମାନଙ୍କୁ ଝୁମାଇଥିଲେ। ଶ୍ରେୟାଙ୍କ ‘‘ମେରେ ଢୋଲନା ସୁନ୍...’’, ‘‘ପରମ୍ ସୁନ୍ଦରୀ...’’, ‘‘ରବତା...’’ ‘‘ସାନସ୍ ମେ ତେରୀ ସାନସ୍ ମିଲିତୋ...’’ ‘‘ତୁଝମେ ରବ୍ ଦିଖତା ହେ...’’ ‘‘କଭି ଜୋ ବାଦଲ୍ ବରସେ...’’ ଆଦି ସଂଗୀତରେ ଦର୍ଶକମାନେ ମନମୁଗ୍ଧ ହୋଇଥିଲେ। ମହୋତ୍ସବରେ ଜିଲାର କୋଣ ଅନୁକୋଣରୁ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକମାନଙ୍କ ଭିଡ ଜମିଥିଲା। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ତତ୍ତ୍ୱାବଧାନରେ ଜିଲା ମହୋତ୍ସବ ଦେଶରେ ବେଶ ନାମ କରିଥିବାରୁ ତାଙ୍କୁ ଧନ୍ୟବାଦ ପ୍ରଦାନ କରାଯାଇଥିଲା।



ଶ୍ରେୟା ଘୋଷାଲ ସଙ୍ଗୀତ ପରିବେଷଣ କରୁଛନ୍ତି।

# ରାସ୍ତାରେ ଚଳନ୍ତା କାର ଜଳିଗଲା, ଅଳ୍ପକେ ୨ଜଣ ବର୍ତ୍ତିଲେ

ମାର୍ଶାଘାଇ,୧୨।୨(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା କୁଦାନଗରୀ ଥାନାରେ ମାର୍ଶାଘାଇ ବ୍ଲକ କରିଲୋପାଟଣା ପଞ୍ଚାୟତର ଗୋପେଇ -ଓସ୍ତପୁର ରାସ୍ତାର ପଣସୁଆପଡ଼ା ଗାଁ ନିକଟରେ ରବିବାର ଏକ ଚଳନ୍ତା କାରରେ ନିଆଁ ଲାଗି ସମ୍ପୂର୍ଣ୍ଣ ଜଳିଯାଇଛି। ସେଥିରେ ଥିବା ୨ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପ୍ରକାଶ ଯେ, ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକ ବାହାରଣା ଗ୍ରାମରୁ ୨ଜଣ ବ୍ୟକ୍ତି ଏକ କାର (ନଂ. ଓଡି. ୦୫. ଏ.ଡବ୍ଲ୍ୟୁ ୭୬୮୬) ଯୋଗେ ଗରଦପୁର ବ୍ଲକ ନଡ଼ିଆବରେଇ ପଞ୍ଚାୟତର ଓସ୍ତପୁର ଗାଁରେ ଥିବା ବନ୍ଧୁଘରକୁ ଆସୁଥିଲେ। ସେମାନେ ପଣସୁଆପଡ଼ା ଗାଁ ଅତିକ୍ରମ କରୁଥିବା ବେଳେ ହଠାତ ଗାଡ଼ିର ପଛ ପଟୁ ଧୂଆଁ ବାହାରୁଥିବା ଦେଖି ଚାଳକ ଓ ବସିଥିବା ଜଣେ ଯାତ୍ରୀ ଗାଡ଼ିରୁ ଓହ୍ଲାଇ ଥିଲେ। ଚାହୁଁ ଚାହୁଁ କାରଟି ସେମାନଙ୍କ ଆଖି ଆଗରେ ଜଳିବାକୁ ଲାଗିଥିଲା। ଖବରପାଇ କୋରୁଆ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଆସି ପହଞ୍ଚିବା ବେଳକୁ କାରଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା। ଏ ସମ୍ପର୍କରେ କୁଦାନଗରୀ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ ସୂତ୍ରରୁ ପ୍ରକାଶ। ରିପୋର୍ଟ ଲେଖା ହେବା ବେଳକୁ କାରରେ ଥିବା ବ୍ୟକ୍ତି ଦ୍ୱୟଙ୍କର ପରିଚୟ ମିଳିପାରିନାହିଁ।






ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ହରେଶ



@ ସୋନାଲି



@ ସୋନୀ



@ ଶ୍ରୀନିବାସ



@ ସୁମନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୬ନଂ. ଜୋନ୍ ପାଇଁ ଶ୍ରୀଧର ବେହେରା ନିର୍ଦ୍ୱନ୍ଦ୍ୱରେ ସଦସ୍ୟ ନିର୍ବାଚିତ

## ବୟନିକା ପରିଚାଳନା ପରିଷଦ ନିର୍ବାଚନ

ରସୁଲପୁର,୧୨।୨(ଡି.ଏନ.ଏ.):

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ସାମନ୍ତରାପୁର ଅଞ୍ଚଳର ବୁଣାକାର ନେତା ତଥା ଓଡ଼ିଶା ବୁଣାକାର ମହାସଂଘ ସଭାପତି ଶ୍ରୀଧର ବେହେରା ଓଡ଼ିଶା ରାଜ୍ୟ ହସ୍ତତନ୍ତ ବୁଣାକାର ସମବାୟ ସମିତି(ବୟନିକା)ର ପରିଚାଳନା ପରିଷଦ ନିର୍ବାଚନରେ ନିର୍ଦ୍ୱନ୍ଦ୍ୱରେ ସଦସ୍ୟ ନିର୍ବାଚିତ ହୋଇଛନ୍ତି। ତାଙ୍କ ସଫଳତା ପାଇଁ ସମଗ୍ର ବୁଣାକାର, କାରିଗର, ଶିଳ୍ପୀ ମହାସଂଘ, ସମବାୟ ସମିତି, ବୁଣାକାର ସଂଗଠନ ଭଳି ଅନେକ ଅନୁଷ୍ଠାନରେ ଖୁସିର ଲହରି ଖେଳିଯାଇଛି। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ବରୀ ବିଧାୟିକା ସୁନନ୍ଦା ଦାସ, ରାଜ୍ୟସଭା ସଦସ୍ୟ ଅମର ପଟ୍ଟନାୟକ, ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ସମେତ ଏକାଧିକ ରାଜନେତା ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

ବୟନିକାର ପରିଚାଳନା ପରିଷଦ ଗଠନ ପାଇଁ ରାଜ୍ୟ ସମବାୟ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିଲା। ଚଳିତ ମାସ ୨୩ତାରିଖରେ ଅନୁଷ୍ଠିତ ହେବାକୁ ଥିବା ପରିଷଦ ସଦସ୍ୟ ନିର୍ବାଚନ ପାଇଁ ନାମାଙ୍କପତ୍ର ଦାଖଲ କରାଯାଇଥିଲା। ଖୋର୍ଦ୍ଧା, ନୟାଗଡ଼, ଜଗତ୍‌ସିଂହପୁର ଭଳି ୩ ଜିଲାକୁ ନେଇ ଗଠିତ ୬ନମ୍ବର ଜୋନ୍ ନିର୍ବାଚନମଣ୍ଡଳୀ ପାଇଁ ବୁଣାକାର ନେତା ବେହେରା ନାମାଙ୍କପତ୍ର ଦାଖଲ କରିଥିଲେ। ଏହି ଜୋନ ପାଇଁ ଆଉ କୌଣସି ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରି ନ ଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଦଶନ୍ଧିକାଳ ସେ ବୁଣାକାର, ଶିଳ୍ପୀ, କାରିଗର ସମାଜ ପାଇଁ ସାଧୁତା, ସଚ୍ଚୋଟତା, ନିଷ୍ଠାପରତାର ସହ କାର୍ଯ୍ୟ କରି ବିଭିନ୍ନ ସଂଗଠନ ସହ ସୁ-ସମ୍ପର୍କ ରକ୍ଷା କରି ଆସୁଛନ୍ତି। ତାଙ୍କ ଲୋକପ୍ରିୟତା ଯୋଗୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇପାରିଛନ୍ତି ବୋଲି କୁହାଯାଉଛି। ତାଙ୍କ ସଫଳତାରେ ବୁଣାକାରଙ୍କ ପକ୍ଷରୁ ଖୁସିବ୍ୟକ୍ତ କରାଯିବା ସହ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



# ପଟ୍ଟାମୁଣ୍ଡାଇରେ ଭୂତଳ ଜଳ ସଙ୍କଟ

ପଟ୍ଟାମୁଣ୍ଡାଇ,୧୨।୨(ସ୍ୱ.ପ୍ର.)

- ୧୫୦ରୁ ଊର୍ଦ୍ଧ୍ୱ ନଳକୂପ ଅଚଳ
- ଜନସାଧାରଣଙ୍କ ମଧ୍ୟରେ ଆତଙ୍କ

ଓଡ଼ିଶା ଉପକୂଳ କେନ୍ଦ୍ରାପଡ଼ା ଜିଲାରେ ଭୂତଳ ଜଳ ସମସ୍ୟା ଉତ୍କଟ ହେଲାଣି। ଭୂତଳ ଜଳସ୍ତର କମିବା ଯୋଗୁ ପିଇବା ପାଣି ସମସ୍ୟା ଦେଖାଦେଇଛି। ନଦୀ ନାଳ ଘେରା ପଟ୍ଟାମୁଣ୍ଡାଇ ବ୍ଲକରେ ଏହି ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଭୂତଳ ଜଳସ୍ତର ଦ୍ରୁତଗତିରେ ହ୍ରାସ ପାଇବା ଯୋଗୁ ଗତ ୪ ବର୍ଷରେ ଜଳସ୍ତର ୧୦ ଫୁଟରୁ ୭୦ ଫୁଟ ତଳକୁ ଖସି ଗଲାଣି। ଏ ନେଇ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ନଳକୂପ ଅଚଳ ହୋଇପଡିଥିବା ଜଳ ସମ୍ପଦ ବିଭାଗ ପକ୍ଷରୁ ଜଣାପଡିଛି। ଏଥିଯୋଗୁ ଲୋକେ ପାନୀୟଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଗ୍ରୀଷ୍ମଋତୁ ଆରମ୍ଭ ହୋଇଥିବାରୁ ଆଗାମୀ ଦିନରେ ଜଳ ସଙ୍କଟ ଅଧିକ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଏ ନେଇ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ପକ୍ଷରୁ ଅଞ୍ଚଳବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଅଭିଯାନ ଆରମ୍ଭ କରିବା ଦରକାର। ଏଥିସହ ଭୂତଳ ଜଳସ୍ତର କିପରି ବୃଦ୍ଧି ପାଇବ ସେ ନେଇ ସରକାର ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ସୁଦାମ ସାହୁ କୁହନ୍ତି, ଭୂତଳ ଜଳସ୍ତର ହ୍ରାସ ଯୋଗୁ ୧୫୦ ନଳକୂପ ଅଚଳ ହୋଇପଡିଛି। ୨୦୦୨ ମସିହାରେ ବର୍ଷାଦିନେ ଭୂତଳ ଜଳ ୨୦ରୁ ୩୦ ଫୁଟ୍‌ରେ ବାହାରୁଥିବାବେଳେ ୨୦୨୨-୨୩ରେ ଏହା ୭୦ରୁ ୧୦୦ ଫୁଟରେ ପହଞ୍ଚିଲାଣି। ଚଳିତ ଗ୍ରୀଷ୍ମଋତୁରେ ଭୂତଳ ଜଳ ଅଧିକ କମିବ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରୁଛନ୍ତି। ଅନ୍ୟପକ୍ଷରେ ଆଧୁନିକ ଚାକଚକ୍ୟ ଦ୍ରୁତ ବିକାଶ ଓ ବିସ୍ତାର ଫଳରେ ଜଳ ଏକ ସଙ୍କଟ ଭାବେ ଉଭା ହୋଇଛି। ବାର୍ଷିକ ମୁଣ୍ଡପିଛା ଯେତେ ପାଣି ଆବଶ୍ୟକ ତାହା ଲୋକଙ୍କୁ ମିଳୁନାହିଁ। ପୂର୍ବରୁ ଲୋକେ ପୋଖରୀ, ନଦୀ, ନାଳ, କେନାଲ ଉପରେ ନିର୍ଭର କରୁଥିଲେ। ଏହାର ପାଣିକୁ କୃଷି, ଗାଧୋଇବା, ବାସନ ମଜା, ଗୋରୁଙ୍କ ପାନୀୟ ଜଳ, ଶୌଚ ଆଦି କାମରେ ବ୍ୟବହାର କରୁଥିଲେ। ଏବେ ବହୁସ୍ଥାନରେ ପୋଖରୀ ସବୁ ପୋତି ହୋଇଯାଇଥିବାବେଳେ ଜବରଦଖଲକୁ ନଦୀ, ନାଳ ପଳାଇ ଗଲାଣି। ଏଥିସହ ଲୋକେ ଏବେ ସେମାନଙ୍କ ନିତ୍ୟ ବ୍ୟବହାର କାର୍ଯ୍ୟ ପାଇଁ ଭୂତଳ ଜଳ ଉପରେ ସମ୍ପୂର୍ଣ୍ଣ ନିର୍ଭର କରୁଛନ୍ତି। ଗଭୀର ନଳକୂପ, କୂପ ଓ ଅନ୍ୟ ବ୍ୟବସ୍ଥା ଦ୍ୱାରା ଭୂତଳ ଜଳକୁ ଉତ୍ତୋଳନ କରି ବିଭିନ୍ନ କାମରେ ଲଗାଯାଉଛି। ମାତ୍ରାଧିକ ଜଳ ଉତ୍ତୋଳନ ଫଳରେ ଭୂତଳ ଜଳସ୍ତର ହ୍ରାସ ପାଇବା ସହ ଏହାର ପୁନଃକ୍ଷରଣ ବ୍ୟବସ୍ଥା ଠିକ୍ ହେଉ ନ ଥିବାରୁ କ୍ରମଶଃ ଜଳସ୍ତର କମି କମି ଯାଉଛି। ଜଳ ସଙ୍କଟକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଆତଙ୍କ ଦେଖାଦେଇଛି।



ଅଚଳ ହୋଇପଡ଼ିଥିବା ନଳକୂପ।

**ADVERTISEMENT**

Balasore Law College, Balasore invites applications from the potential candidates with Leadership qualities and academic acumen for the post of **“PRINCIPAL”** to manage the organisation effectively with a high motivated team.
**Qualification:** LL.M. with 55% marks LLD/Ph.D./D.Lit.
**Age Limit:** 50 years and above.
The incumbents should have at least 20 years experience in Teaching, Research and Administration.
**Salary:** Rs.50,000/- and above experienced and potential candidates. Send your C.V. and self attested documents along with a handwritten application and latest photograph. Your application should reach to the undersigned by Speed Post within 15 days from the date of advertisement.

**Secretary, Balasore Law College**
**Balasore, O.T. Road, Balasore - 756001**
**Mob.: 9437973438**

**DHARMASALA MAHAVIDYALAYA**
**DHARMASALA, JAJPUR**
**QUOTATION CALL NOTICE**

Dharmasala Mahavidyalaya invites sealed quotations from intending manufacturers / firms / suppliers / authorised dealers having PAN and GST registration number for supply of Desktop Computers, Air-conditioners, Computer Tables, Chairs for Computers and those quotations should reach the undersigned by Speed Post / Regd. Post latest by dt.28.02.2023. The items shall be purchased from IDG funds under OHEPEE. For detailed information about items, specifications and terms & conditions, the interested parties may visit the college website i.e. www.dharmasalamahavidyalaya.ac.in. The undersigned reserves the right to reject / cancel any or all the quotations without specifying any reason thereof.

**Sd./- Principal**
**Dharmasala Mahavidyalaya**

# ଶିଳ୍ପୀଗ୍ରାମ ଘୋଷଣା ଶୀତଳଭଣ୍ଡାରରେ

■ ବିଧାନସଭା ପ୍ରଶ୍ନରେ ବିକାଶ ଅଟକି ଗଲା
■ ୨୦ ବର୍ଷ ହେଲା ଦାବି ହୋଇଆସୁଛି
■ କଣ୍ଟିଲୋ, ଖଳିସାହିର କଂସାବାସନ, ପିତ୍ତଳ ମୂର୍ତ୍ତି ପ୍ରସିଦ୍ଧ

**ନୟାଗଡ଼ ଅଫିସ/ ଖଣ୍ଡପଡ଼ା,୧୨।୨(ସ୍ୱ.ପ୍ର.)**

ଉତ୍କର୍ଷ ତଥା ଆକର୍ଷଣୀୟ କଂସାବାସନ ଓ ପିତ୍ତଳରେ ବିଭିନ୍ନ ପ୍ରକାର କମନୀୟ ମୂର୍ତ୍ତି ପ୍ରସ୍ତୁତି କରିବାରେ ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ଓ ଖଳିସାହି ଗାଁ ପ୍ରସିଦ୍ଧିଲାଭ କରିଛି। ଏ ପରିପ୍ରେକ୍ଷୀରେ ପୁରୀ ଜିଲା ରଘୁରାଜପୁର ଗାଁ ପରି କଣ୍ଟିଲୋ ଓ ଖଳିସାହିକୁ ଶିଳ୍ପୀଗ୍ରାମ ଘୋଷଣା କରିବାକୁ ଦାବି ହୋଇ ଆସୁଛି। ହେଲେ ୨୦ବର୍ଷ ତଳର ଏହି ଦାବିକୁ କେନ୍ଦ୍ର ସରକାର ଉପେକ୍ଷା କରି ଚାଲିଥିବାରୁ ଶିଳ୍ପୀଗ୍ରାମ ମାନ୍ୟତା ଦାବି ଶୀତଳଭଣ୍ଡାରରେ ରହିଯାଇଛି। ଅନ୍ୟପକ୍ଷେ କଣ୍ଟିଲୋରେ ଏକ ଶିଳ୍ପୀଗ୍ରାମ ପ୍ରତିଷ୍ଠା ପାଇଁ ପୂର୍ବତନ ଖଣ୍ଡପଡ଼ା ବିଧାୟକ ଅନୁଭବ ପଟ୍ଟନାୟକ ଦୀର୍ଘବର୍ଷ ହେଲା ରାଜ୍ୟ ସରକାରଙ୍କ ନିକଟରେ ଦାବି କରି ଆସୁଛନ୍ତି। ୨୦୧୮ରେ ବିଧାନସଭା ପ୍ରଶ୍ନୋତ୍ତର ସମୟରେ କଣ୍ଟିଲୋଠାରେ ଏକ ଶିଳ୍ପୀଗ୍ରାମ ପ୍ରତିଷ୍ଠା ସମ୍ପର୍କରେ ତତ୍କାଳୀନ ଖଣ୍ଡପଡ଼ା ବିଧାୟକ ପଟ୍ଟନାୟକ ପ୍ରଶ୍ନ ଉତ୍ଥାପନ କରିଥିଲେ। ଉତ୍ତରରେ ତତ୍କାଳୀନ ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ କଣ୍ଟିଲୋରେ ଥିବା ପୁରାତନ କଂସା, ପିତ୍ତଳ କାରିଗରମାନଙ୍କ ଉନ୍ନତି, ବିକ୍ରି ପାଇଁ ଓ ଏଠାକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଏହି ହସ୍ତଶିଳ୍ପ ବିଷୟରେ ଜଣାଇବାକୁ ଏବଂ ଶିଳ୍ପୀଗ୍ରାମ(କ୍ରାଫ୍ଟ ଭିଲେଜ) ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ। ହେଲେ ଏହାର ଅଗ୍ରଗତି ନେଇ ଜଣାପଡୁନି।

ଉତ୍କଳର ପ୍ରାଚୀନ ନୌବାଣିଜ୍ୟ ପରମ୍ପରାରେ କଣ୍ଟିଲୋ ନାଁ ଯୋଡି ହୋଇଥିବା ପ୍ରମାଣ ରହିଛି। ଏଠାରୁ କଂସା ଓ ପିତ୍ତଳରେ ନିର୍ମିତ ନିତ୍ୟ ବ୍ୟବହାର୍ଯ୍ୟ ତଥା ଘର ଉପକରଣ ସାମଗ୍ରୀ ସୁମାତ୍ରା, ବାଲି, ଜାଭା, ବୋର୍ନିଓ ପ୍ରଭୃତି ଦେଶଗୁଡିକୁ ପୂର୍ବରୁ ରପ୍ତାନି ହେଉଥିଲା ବୋଲି କିମ୍ବଦନ୍ତୀ ଅଛି। ନିକଟରେ କଟକ ଏମ୍ପି ଭର୍ତ୍ତୃହରି ମହତାବ ସରକାରୀ କାର୍ଯ୍ୟକ୍ରମରେ ଭିଏଟ୍‌ନାମ ଯାଇଥିବାବେଳେ କଣ୍ଟିଲୋର କଂସାବାସନ ଏବଂ ବିଭିନ୍ନ ପ୍ରକାର କମନୀୟ ମୂର୍ତ୍ତି ଦେଖି ଖୁସି ହୋଇଥିଲେ। ସେହିଭଳି କଣ୍ଟିଲୋ ପରି ଖଳିସାହିର କଂସାବାସନ ମଧ୍ୟ କଟକ, ପୁରୀ, ଭୁବନେଶ୍ୱର, ବ୍ରହ୍ମପୁର, କୋଲକତା, ଚେନ୍ନାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ, ଆମେରିକା ପରି ଦେଶ ବିଦେଶରେ ଚାହିଦା ରହିଛି। ତେବେ ଦୁର୍ଦ୍ଦଶାରେ ଓଡ଼ିଶାର କଂସାରୀ ସମାଜ ଗତି କରୁଛି ବୋଲି ଅଭିଯୋଗ ହୋଇ ଆସୁଛି। ଏହି ହସ୍ତଶିଳ୍ପ କାରିଗରଙ୍କ ପାଇଁ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ କଣ୍ଟିଲୋ, ଖଳିସାହି, ଶରଣକୁଳ, ଇଟାମାଟି, ରାଜସୁନାଖଳା, ପୁରୀ ଜିଲାର ବାଲକାଟି, ଭଇଁରୁଆ, କଟକ ଜିଲାର ଭଙ୍ଗିମୁଣ୍ଡା, ବିନ୍ଧାଣିମା, ଢେଙ୍କାନାଳର ଭୁବନ, ଇନ୍ଦୁପୁର, ଓଉଖମା ଆଦି ଅଞ୍ଚଳରୁ କର୍ମସଂସ୍ଥାନ ପାଇଁ ସେମାନେ ଅନ୍ୟତ୍ର ଚାଲି ଯାଉଛନ୍ତି। କାହିଁକି ହସ୍ତଶିଳ୍ପ କାରିଗର ବୃତ୍ତି ଛାଡୁଛନ୍ତି ସେନେଇ ସମୀକ୍ଷା ହେଉନି। କ'ଣ କରାଗଲେ ଏହି ଶିଳ୍ପର ବିକାଶ ହେବ ସେନେଇ ପଦକ୍ଷେପ ନିଆଯାଉନାହିଁ। କେବଳ ସମୃଦ୍ଧିକୁ ନେଇ ଗର୍ବ କରିବା ବ୍ୟତିରେକେ ଆଉ କିଛି ନାହିଁ। ଏ ନେଇ ନିଖିଳ ଉତ୍କଳ କଂସାରୀ ସମାଜର କାର୍ଯ୍ୟକାରୀ ସଭାପତି ଅଖିଳ କୁମାର ମହାରଣା ଓ ଜିଲା ଶିଳ୍ପୀ ମହାସଂଘର ସଭାପତି ଦଣ୍ଡପାଣି ସାହୁ କୁହନ୍ତି, ପୁରାତନ ଐତିହ୍ୟକୁ ଉଜ୍ଜୀବିତ କରିବାକୁ ସରକାର ପଦକ୍ଷେପ ନେଉଥିବା କୁହାଯାଉଥିଲେ ହେଁ ଆନ୍ତରିକତା ଥିବା ପରି ମନେହେଉନାହିଁ। ନୂତନ ପଦ୍ଧତି ସମ୍ପର୍କରେ ସଚେତନ ସୃଷ୍ଟି କରିବା ଓ ତାଲିମ ଶିକ୍ଷା କେନ୍ଦ୍ରରେ ଜ୍ଞାନ କୌଶଳ ପ୍ରଦାନ କରିବା ଦିଗରେ ସରକାରୀ ସ୍ତରରେ ଯୋଜନାମାନ ପ୍ରସ୍ତୁତ ହେଉଛି। ଏଥିପାଇଁ ପ୍ରାରମ୍ଭିକ ସ୍ତରରେ ନାବାର୍ଡ ପକ୍ଷରୁ ଲକ୍ଷାଧିକ ଟଙ୍କା ମଞ୍ଜୁର କରାଯାଇ କଣ୍ଟିଲୋଠାରେ ୬୦ ଜଣ ଯୁବ କାରିଗରଙ୍କୁ ତାଲିମ ପ୍ରଦାନ କରାଯାଇଛି। ମାତ୍ର ତାଲିମର ପରବର୍ତ୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ପଦକ୍ଷେପ ନାହିଁ। ଏଣୁ ତାଲିମ ନେଇଥିବା କାରିଗରଙ୍କୁ ଏକାଠି କରି ନୂତନ ଜ୍ଞାନକୌଶଳ ପଦ୍ଧତିରେ କଂସା ପିତ୍ତଳ ବାସନ ଶିଳ୍ପର ଅଭିବୃଦ୍ଧି ଓ ଏହାର ବ୍ୟବସାୟ ପାଇଁ ବ୍ୟବସ୍ଥା କରିପାରିଲେ ଶିଳ୍ପର ବିକାଶ ହୋଇ ପାରନ୍ତା ବୋଲି ସେମାନେ କହିଛନ୍ତି।


କଣ୍ଟିଲୋ ଖଳି ସାହିର କାରିଗରମାନେ ଗରା ନିର୍ମାଣ କରୁଛନ୍ତି।



କାରିଗରମାନଙ୍କ ଦ୍ୱାରା ନିର୍ମିତ ରାଧାକୃଷ୍ଣ ଓ ସିଂହ ମୂର୍ତ୍ତି।

# ଶିକ୍ଷା ହେଉଛି ଗୋଟିଏ ଜାତିର ଉନ୍ନତିର ଉତ୍ସ

## ଖଣ୍ଡପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**ଖଣ୍ଡପଡ଼ା,୧୨।୨(ସ୍ୱ.ପ୍ର.)**

ଖଣ୍ଡପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦ୍ୱାଦଶ ବାର୍ଷିକୋତ୍ସବ ଶନିବାର ଶିଶୁକବି କାଶୀନାଥ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ନୀରୋଦ କୁମାର ମନ୍ତ୍ରୀ ଯୋଗଦେଇ ଶିକ୍ଷା ହେଉଛି ଗୋଟିଏ ଜାତିର ଉନ୍ନତିର ଉତ୍ସ ବୋଲି ମତ ଦେଇଥିଲେ। ସେହିପରି ଶିକ୍ଷା ବିକାଶ ସମିତି ନୟାଗଡ଼ ଜିଲା ପ୍ରମୁଖ ହରେକୃଷ୍ଣ ମୁଦୁଲି ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀ ଜୟନ୍ତୀ ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷାନୁଷ୍ଠାନଗୁଡିକରେ ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଜିର ଶିକ୍ଷା ବ୍ୟବସ୍ଥାରେ ମା'ମାନଙ୍କର ଭୂମିକାରେ ବହୁ ଗୁରୁତ୍ୱପୂର୍ଣ୍ଣ ଏବଂ ସରକାରୀ ଶିକ୍ଷାନୁଷ୍ଠାନଗୁଡିକରେ ସମୟାନୁକ୍ରମେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ହ୍ରାସ ପାଉଥିବା ବେଳେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରି ଗାଁ ଗଣ୍ଡାରେ ଗଢ଼ି ଉଠିଥିବା ଘରୋଇ ଶିକ୍ଷାନୁଷ୍ଠାନଗୁଡିକ ଶିକ୍ଷାଦାନ ସହ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାର ବିକାଶ ନିମନ୍ତେ ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ଅତିଥିମାନେ କହିଥିଲେ। ଉତ୍ସବ ଆରମ୍ଭରେ ଛାତ୍ରୀଛାତ୍ର ସ୍ୱାଗତ ସଂଗୀତ ଗାନ କରିଥିଲେ। ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ଶଙ୍କର୍ଷଣ ସାହୁ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ସମ୍ପାଦକ ଶ୍ରୀଚରଣ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ସଙ୍ଗୀତା ଦାସ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନୁଷ୍ଠାନର ଆଚାର୍ଯ୍ୟା, ଆଚାର୍ଯ୍ୟଙ୍କ ସମେତ ସହଯୋଗୀମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ। ଖଣ୍ଡପଡ଼ା ସହରାଞ୍ଚଳରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ଛାତ୍ରୀଛାତ୍ରଙ୍କ ଅଭିଭାବକମାନେ ଉତ୍ସବରେ ଯୋଗ ଦେଇଥିଲେ।


ବାର୍ଷିକ ଉତ୍ସବରେ ଅତିଥିମାନେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

## ମଧ୍ୟାହ୍ନଭୋଜନ ପାଚିକା ସମ୍ମିଳନୀ

**ନୟାଗଡ଼ ଅଫିସ/ନୂଆଗାଁ,୧୨।୨(ଡି.ଏନ.ଏ.)**

ନୂଆଗାଁ ପ୍ରାଥମିକ ବିଦ୍ୟାଳୟ ପରିସରରେ ମଧ୍ୟାହ୍ନଭୋଜନ ପାଚିକା ଓ ସହାୟିକାମାନଙ୍କ ବ୍ଲକସ୍ତରୀୟ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସମ୍ପାଦିକା ଜୟନ୍ତୀ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ଦଶନ୍ଧି ଦଶନ୍ଧି ଧରି ପାଚିକାମାନେ ସ୍ୱଳ୍ପ ପାରିଶ୍ରମିକରେ ବିଦ୍ୟାଳୟରେ ରୋଷେଇ କରି ଆସୁଥିଲେ ମଧ୍ୟ ସରକାର ସହାୟତା ବୃଦ୍ଧି କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ସିଆଇଟିୟୁର ଜିଲା ସଭାପତି ବିଶ୍ୱନାଥ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଶ୍ରମିକମାନଙ୍କ ମାସିକ ପ୍ରାପ୍ୟ ସର୍ବନିମ୍ନ ୨୬ ହଜାରକୁ ବୃଦ୍ଧି କରିବା, ଅବସରକାଳୀନ ଭତ୍ତା ୧୦ ହଜାର କରିବା ପାଇଁ ସରକାର ପଦକ୍ଷେପ ନେବାକୁ ଦାବି ହୋଇଛି। ଶେଷରେ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଶ୍ରମିକ ନେତା ଶରତ ବେହେରା ସଭାପତି, ସୁଷମା ସାହୁ ଉପସଭାପତି, ସୁକାନ୍ତୀ ସ୍ୱାଇଁ ସମ୍ପାଦିକା, ବିଦ୍ୟୁଲତା ଦେଇ ସହ ସମ୍ପାଦିକା ଭାବେ ନିର୍ବାଚିତ ହୋଇଛନ୍ତି।

## ଏନ୍‌ପିଏସ୍ ଶିକ୍ଷକଙ୍କ ଆନ୍ଦୋଳନ ଚେତାବନୀ

**ଓଡଗାଁ,୧୨।୨(ସ୍ୱ.ପ୍ର.) :** ଓଡଗାଁ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ (ଏନପିଏସ୍)ର ସଭାପତି ନରେଶ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ବ୍ଲକର ଶତାଧିକ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନେଇ ସରକାରୀ ମଧ୍ୟ ଇଂରାଜି ବିଦ୍ୟାଳୟରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହେଇଯାଇଛି। ୨୦୨୨ ନଭେମ୍ବର ୨୭ରେ ଆନ୍ଦୋଳନ ସମୟରେ ସରକାରଙ୍କ ପକ୍ଷରୁ ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘକୁ ୩ ଦଫା ଦାବି ପୂରଣ ନେଇ ଲିଖିତ ପ୍ରତିଶ୍ରୁତି ମିଳିଥିଲା। ଅଦ୍ୟାବଧି ୨ ମାସ ବିତି ଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଗଲାନାହିଁ। ଯଦି ସରକାର ବିଧାନସଭା ଅଧିବେଶନ ପୂର୍ବରୁ ଦାବି ପୂରଣ ନ କରନ୍ତି, ତେବେ ପୁଣିଥରେ ମିଳିତ ପ୍ରାଥମିକ ମହାସଂଘ ନେତୃତ୍ୱରେ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନିଆଗଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ସୁକାନ୍ତ କୁମାର ସାହୁ, ନୀଳମାଧବ ମହାରଣା, ଚିତ୍ତରଞ୍ଜନ ମିଶ୍ର, ମୋହନ ସାହୁ, ନାରାୟଣ ଡାକୁଆ, ମହନ୍ତ କୁମାର ସେଠୀ, ବସନ୍ତ କୁମାର ବିଶୋଇ, ପୂର୍ଣ୍ଣିମା ମହାରଣା, ରାଜଲକ୍ଷ୍ମୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

## କଣ୍ଟିଲୋ ମାଘମେଳା

# ପାରମ୍ପରିକ ସାମଗ୍ରୀର ଚାହିଦା ଅଧିକ

**ଖଣ୍ଡପଡ଼ା,୧୨।୨(ସ୍ୱ.ପ୍ର.)**

କଣ୍ଟିଲୋ ନୀଳମାଧବ ଜୀଉଙ୍କ ପବିତ୍ର ମାଘମେଳାର ରବିବାର ହେଉଛି ଦ୍ୱାଦଶ ଦିବସ। ପ୍ରଥମ ଦିବସରୁ ଅପେରା ବିନା ମେଳା ଖାଁ ଖାଁ ଲାଗୁଥିବା ବେଳେ ଶନିବାରଠାରୁ ଯାତ୍ରା ପରିବେଷଣ ହେଉଥିବାରୁ ଭିଡ ବଢ଼ିବାରେ ଲାଗିଛି। ବିଶେଷକରି ଅପରାହ୍ନ ପରଠାରୁ ଦୋକାନଗୁଡିକରେ ଭିଡ ଜମିବା ଲକ୍ଷ୍ୟ କରାଯାଉଛି। ଛୁଞ୍ଚି ସୂତାଠାରୁ ଆରମ୍ଭ କରି ପ୍ରତ୍ୟେକ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଏହି ମେଳାରେ ଉପଲବ୍ଧ ହେଉଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ବ୍ୟକ୍ତି ଓ ସଂସ୍ଥାମାନେ ସେମାନଙ୍କର ଷ୍ଟଲ ଖୋଲିଛନ୍ତି। ମେଳାକୁ ଆସିଥିବା ନରସିଂହପୁର ଯମକତା ଅଞ୍ଚଳରୁ ବାଉଁଶ ନିର୍ମିତ ଜିନିଷ ଓ ଭାପୁର ଗୋବର୍ଦ୍ଧନ ପ୍ରସାଦରୁ ଆସିଥିବା ପଥର ତିଆରି ଘରକରଣା ସାମଗ୍ରୀ ଯଥା ନୋଳ, ପେଷା, ଶିଳ ଆଦି ଦୋକାନ ଆଗରେ ଭିଡ଼ ହେଉଥିବା ଦେଖିବାକୁ ମିଳିଛି। ଅତ୍ୟାଧୁନିକ ସାମଗ୍ରୀର ବହୁଳ ବ୍ୟବହାର ଥିଲେ ମଧ୍ୟ ଅନେକ ଲୋକ ପାରମ୍ପରିକ ଜିନିଷର ମୋହ ଏବେ ଛାଡ଼ିପାରୁ ନାହାନ୍ତି ବୋଲି ପଥର ସାମଗ୍ରୀ ବିକ୍ରୟ କରୁଥିବା ବେପାରୀ କୁମର ଜେନା ଓ କୁଳା, ବୋଝ (ଟୋକେଇ) ବିକ୍ରି କରୁଥିବା ବିମଳ ନାୟକ କହିଥିଲେ। ବିଶେଷକରି ଆମେ ଯେତେ ଆଧୁନିକ ହେଲେ ସୁଦ୍ଧା ଘରେ ବିହାହ, ବ୍ରତଘର ପ୍ରଭୃତିରେ ଶିଳ ଓ ଶିଳପୁଆର ଆବଶ୍ୟକା ପଡ଼ିଥାଏ। ଶିଳରେ ବଟା ହୋଇ ପ୍ରସ୍ତୁତ ହୋଇଥିବା ଖାଦ୍ୟ ଓ ଗ୍ରାଇଣ୍ଡରରେ ବଟା ଖାଦ୍ୟର ସ୍ୱାଦ ମଧ୍ୟ ପ୍ରଭେଦ ରହିଛି ବୋଲି ଜଣେ ମହିଳା ଆଠଗଡ଼ରୁ ଆସି ପଥର ନୋଳ କ୍ରୟ କରୁଥିବା ବେଳେ ଏହା ପ୍ରକାଶ କରିଥିଲେ। ଏହାଛଡ଼ା ମେଳା ମଧ୍ୟରେ ଚଳିତବର୍ଷ ଅନେକ ହରେକ୍‌ମାଲ ଦୋକାନ ଖୋଲିଥିବା ବେଳେ ସେଠାରେ ପ୍ରତ୍ୟେକ ଜିନିଷର ଦାମ ୧୦ଟଙ୍କାରୁ ଆରମ୍ଭ କରି ୬୦ଟଙ୍କା ରହିଥିବାରୁ ମହିଳାଙ୍କ ପ୍ରବଳ ଭିଡ ପରିଲକ୍ଷିତ ହେଉଛି। ଛୋଟବଡ଼ ପିଲାମାନେ ମେଳାରେ ମେହେନ୍ଦି ଲଗାଇବାକୁ ଅଡି ବସୁଥିବାବେଳେ ଅନେକ ଯୁବକ ମଧ୍ୟ ହାତରେ ଚିତା କୁଟାଉଥିବା ଦେଖିବାକୁ ମିଳିଛି।

ଅପରପକ୍ଷରେ ଯାତ୍ରା ଦେଖିବାକୁ ଶତାଧିକ ଦର୍ଶକ ଆଗୁଆ ଟିକେଟ ପାଇଁ କାଉଣ୍ଟରରେ ଭିଡ଼ ଲଗାଉଛନ୍ତି। ଗରମ ଗରମ ମଥୁରା କେକ୍, ଚାର୍ଟ, ଲଙ୍କା ଚପ୍ ଓ ଆଇସ୍‌କ୍ରିମ ଖାଇବାର ଇଚ୍ଛାକୁ ରୋକି ନ ପାରି ସମସ୍ତେ ଧାଡି ବାନ୍ଧି ଠିଆ ହୋଇଥିବା ଦେଖିବାକୁ ମିଳିଛି। ଚଳିତବର୍ଷ ମେଳାର ପ୍ରଥମ ୮ ଦିନ ଗହଳ ଚହଳ ନ ଥିବାରୁ ଆମେ ସବୁ ବେପାରୀ ହତୋତ୍ସାହ ହୋଇଯାଇଥିଲୁ। ମାତ୍ର ମେଳାକୁ ଅପେରା ଆସିବା ପରେ ବେପାର ଖୁବ୍ ଭଲ ହେଉଛି। ଆମେ ଦୀର୍ଘ ୨୦ ବର୍ଷ ହେଲା କ୍ରମାଗତ ଏଠାକୁ ଆସୁଛୁ। ତେବେ ଶ୍ରୀନୀଳମାଧବଙ୍କ କୃପାରୁ କେବେ କ୍ଷତିର ସମ୍ମୁଖୀନ ହୋଇନାହୁଁ ବୋଲି ବିଭିନ୍ନ ସ୍ଥାନରୁ ଆସିଥିବା ବ୍ୟବସାୟୀମାନେ ମତ ପ୍ରକାଶ କରିଛନ୍ତି। ତେବେ ଏହି ମେଳା କଣ୍ଟିଲୋ ଫାଣ୍ଡିକୁ ଲାଗି ହେଉଥିବା ବେଳେ ଜନ ଗହଳିପୂର୍ଣ୍ଣ ମେଳା ମଧ୍ୟରେ ସେପରି କୌଣସି ଅପ୍ରୀତିକର ଘଟଣା ଘଟିନଥିବା ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା ପ୍ରକାଶ କରିଛନ୍ତି।


ହରେକମାଲ ଦୋକାନରେ ଲୋକଙ୍କ ଗହଳି।



ମାଘମେଳାରେ ପଡ଼ିଥିବା ପଥର ଶିଳ ଚକି, କଂସା ପିତ୍ତଳ ସାମଗ୍ରୀ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ହରେଶ


@ ସୋନାଲି


@ ସୋନି


@ ଶ୍ରୀନିବାସ


@ ସୁମନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


**ADVERTISEMENT**

Balasore Law College, Balasore invites applications from the potential candidates with Leadership qualities and academic acumen for the post of **"PRINCIPAL"** to manage the organisation effectively with a high motivated team.
**Qualification:** LL.M. with 55% marks LLD/Ph.D./D.Lit.
**Age Limit:** 50 years and above.
The incumbents should have at least 20 years experience in Teaching, Research and Administration.
**Salary:** Rs.50,000/- and above experienced and potential candidates. Send your C.V. and self attested documents along with a handwritten application and latest photograph. Your application should reach to the undersigned by Speed Post within 15 days from the date of advertisement.

**Secretary, Balasore Law College**
**Balasore, O.T. Road, Balasore - 756001**
**Mob.: 9437973438**

**DHARMASALA MAHAVIDYALAYA**
**DHARMASALA, JAJPUR**
**QUOTATION CALL NOTICE**

Dharmasala Mahavidyalaya invites sealed quotations from intending manufacturers / firms / suppliers / authorised dealers having PAN and GST registration number for supply of Desktop Computers, Air-conditioners, Computer Tables, Chairs for Computers and those quotations should reach the undersigned by Speed Post / Regd. Post latest by dt.28.02.2023. The items shall be purchased from IDG funds under OHEPEE. For detailed information about items, specifications and terms & conditions, the interested parties may visit the college website i.e. www.dharmasalamahavidyalaya.ac.in. The undersigned reserves the right to reject / cancel any or all the quotations without specifying any reason thereof.

**Sd./- Principal**
**Dharmasala Mahavidyalaya**

## ସଂକ୍ଷେପରେ

### ଶ୍ରେଣୀ ଗୃହରେ ଅଙ୍ଗନୱାଡି କର୍ମୀଙ୍କୁ ହତ୍ୟା ଧମକ

**ବାଲିକୁଦା,୧୨।୨(ସ୍ୱ.ପ୍ର.):** ବାଲିକୁଦା ଥାନା ଅନ୍ତର୍ଗତ ତରାସାହି ଗାଁର ଅଙ୍ଗନୱାଡି କେନ୍ଦ୍ରରେ ଜଣେ କର୍ମୀଙ୍କୁ ଶ୍ରେଣୀ ଗୃହରେ ସ୍ୱାମୀ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ମାମଲା (ନଂ. ୬୭/୨୩) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ତେର୍ତ୍ତଙ୍ଗ ପଞ୍ଚାୟତ ଅନ୍ତର୍ଗତ ତୁଣ୍ଡି ଗ୍ରାମର ଶରତ କାନୁନଗୋଙ୍କ ଝିଅ ସୁଜାତା କାନୁନଗୋଙ୍କ ସହ ଗ୍ରାମର ମନୋଜ ବେହେରାଙ୍କ ୨୦୦୫ରେ ବିବାହ ହୋଇଥିଲା। ବିବାହ ପରଠାରୁ ମନୋଜ ପ୍ରତିଦିନ ମଦ ପିଇ ସୁଜାତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏନେଇ ସୁଜାତା ବାପଘରକୁ ଚାଲିଆସିବା ସହ ତରସାହି ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ଭାବେ କାମ କରୁଥିଲେ। ଶୁକ୍ରବାର ସୁଜାତା ଅଙ୍ଗନୱାଡି କେନ୍ଦ୍ରରେ ପିଲାଙ୍କୁ ପାଠ ପଢ଼ାଉଥିବାବେଳେ ସ୍ୱାମୀ ମନୋଜ ସେଠାକୁ ଆସି ଶ୍ରେଣୀ ଗୃହରେ ପଶି ଗାଳିଗୁଲଜ କରିବା ସହ ଘରକୁ ନେବା ପାଇଁ ଜବରଦସ୍ତି କରିଥିଲେ। ଏଥିସହ ତରାସାହି ଆସିଲେ ହାଣି ଦେବାକୁ ଧମକ ଦେଇଥିଲେ। ଏନେଇ ସୁଜାତା ବାଲିକୁଦା ଥାନାରେ ଅଭିଯୋଗ କରିଛନ୍ତି।

### ବିଧାୟକଙ୍କୁ ଗିରଫ କରା ନ ଗଲେ ରାସ୍ତାକୁ ଓହ୍ଲାଇବ କଂଗ୍ରେସ

**ତିର୍ତ୍ତୋଲ,୧୨।୨(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ତରଜଙ୍ଗାସ୍ଥିତ ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ କଂଗ୍ରେସ ନେତା ଇଂ.ହିମାଂଶୁ ଭୂଷଣ ମଲ୍ଲିକଙ୍କ ଆବାହକତ୍ୱରେ ରବିବାର ସନ୍ଧ୍ୟାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ବିରୋଧରେ ଥାନାରେ ହୋଇଥିବା ମାମଲା ଆଧାରରେ ତାଙ୍କୁ ଶିଘ୍ର ଗିରଫ କରା ନ ଗଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଘୋଷଣା କରାଯାଇଥିଲା। ବିଧାୟକଙ୍କ ବିରୋଧରେ ତାଙ୍କ ବାନ୍ଧବୀ ସୋମାଲିକା ଦାଶ ଯେଉଁ ଏତଲା ଦାଏର କରିଛନ୍ତି ତାକୁ ନେଇ ମହିଳା କଂଗ୍ରେସ ସ୍ୱର ଉତ୍ତୋଳନ ଜାରି ରଖିବ ବୋଲି ଉପସ୍ଥିତ ମହିଳା କଂଗ୍ରେସ କର୍ମକର୍ତ୍ତା ପ୍ରକାଶ କରିଥିଲେ। ଏନେଇ ୨ ଦିନ ତଳେ ଜଗତ୍‌ସିଂହପୁର୍ ଏସ୍‌ପିଙ୍କୁ ମହିଳା କଂଗ୍ରେସର କର୍ମକର୍ତ୍ତାମାନେ ଦାବିପତ୍ର ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ ବିଧାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଆଗାମୀ ରଣନୀତି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ବ୍ଲକ କଂଗ୍ରେସ ସଭାପତି ନୀହାର ରଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ମହିଳା କଂଗ୍ରେସ ସଭାପତି ଅନୁସୂୟା ପ୍ରଧାନ, ରାଜ୍ୟ ସଭାନେତ୍ରୀ ପ୍ରତିମା ମଲ୍ଲିକ, ପଏଦା ସରପଞ୍ଚ ତଥା ମହିଳା କଂଗ୍ରେସ ନେତ୍ରୀ ଦୀପ୍ତିମୟୀ ପ୍ରଧାନ, ଗୋବିନ୍ଦପୁର ସମିତିସଭ୍ୟ ଦେବ ପ୍ରସାଦ ନାୟକ, ବିରିଡି ବ୍ଲକ କଂଗ୍ରେସ ସଭାପତି ପ୍ରିୟବ୍ରତ ମିଶ୍ର, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ଦାସ , ବ୍ଲକ କଂଗ୍ରେସ ଉପସଭାପତି ଧନଞ୍ଜୟ ସୂତାର, ଜିତେନ୍ଦ୍ର କୁମାର ମହାନ୍ତି, ଅଶ୍ୱିନୀ ସ୍ୱାଇଁ, ଜିଲ୍ଲା କଂଗ୍ରେସ ସମ୍ପାଦକ ଅବଦୁଲ ୱାହିଦ, ରଘୁନାଥପୁର ବ୍ଲକ କଂଗ୍ରେସ ଉପ ସଭାପତି ଆର୍ତ୍ତତ୍ରାଣ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

# ବିଞ୍ଝାରପୁରରେ ଆବାସ ଚୋରି ଅଭିଯୋଗ

## ଉଚ୍ଚସ୍ତରୀୟ ତଦନ୍ତ ଦାବିକଲେ ପଞ୍ଚାୟତବାସୀ

**ବିଞ୍ଝାରପୁର,୧୨।୨(ଡି.ଏନ.ଏ.):**

ବିଞ୍ଝାରପୁର ବ୍ଲକ୍ ଅଧୀନ କଏଣା-ରଘୁନାଥପୁର ପଞ୍ଚାୟତରେ ଆବାସ ଚୋରି ହୋଇଥିବା ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ତେଣୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଚୋରିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପଞ୍ଚାୟତବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏହାର ତଦନ୍ତ ପାଇଁ ସାମାଜିକ କର୍ମୀ ସୀମାନ୍ତ ପାତ୍ର, ପ୍ରାକ୍ତନ ସରପଞ୍ଚ ଭୂବନାନନ୍ଦ ସାମଲ, କୁଞ୍ଜବିହାରୀ ବେହେରା ଓ ଦୀନବନ୍ଧୁ ଦାସ ପ୍ରମୁଖ ଜିଲପାଳଙ୍କୁ ନିବେଦନ କରିଛନ୍ତି। ବ୍ଲକର କଏଣା-ରଘୁନାଥପୁର ପଞ୍ଚାୟତରେ ବହୁ ଗରିବ, ଦଳିତ ଯୋଗ୍ୟବ୍ୟକ୍ତି ଆବାସ ଯୋଜନାରେ ଘର ପାଇ ନ ଥିବାବେଳେ ଅଯୋଗ୍ୟବ୍ୟକ୍ତି ମୋଟା ଅଙ୍କର ଅର୍ଥ ଦେଇ ଆବାସ ହାତେଇଛନ୍ତି। ଏହି ଘଟଣାରେ ପଞ୍ଚାୟତ ଓ ବ୍ଲକସ୍ତରୀୟ କେତେଜଣ କର୍ମଚାରୀ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ପଞ୍ଚାୟତର ଉପେନ୍ଦ୍ର ଜେନା ପିତା ନିଶିଆ ଜେନା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଆଇଡି ନଂ.ଓଆର୍‌୩୨୪୫୦୭୦, ନରେନ୍ଦ୍ର ଯେନା ପିତା ଉପେନ୍ଦ୍ର ଯେନା ଆଇଡି ନଂ.ଓଆର୍‌୩୧୯୩୫୬୮, ଗୟାଧର ଯେନା ପିତା ରଙ୍କ ଯେନା ଆଇଡି ନଂ.ଓଆର୍‌୩୧୬୮୦୪୫, ସଦାନନ୍ଦ ବେହେରା ପିତା ବାବାଜୀ ବେହେରା ଆଇଡି ନଂ. ଓଆର୍ ୩୨୨୨୭୯୦, ସାଉଣ୍ଟି ବେହେରା ପିତା ବାଙ୍କ ବେହେରା ଆଇଡି ନଂ.ଓଆର୍ ୩୦୫୮୮୫୭, ତାରାମଣୀ ଧଳ ସ୍ୱାମୀ ଲୋକନାଥ ପାତ୍ର ଆଇଡି ନଂ.ଓଆର୍ ୩୧୮୯୬୧୪, କୃଷ୍ଣ ମଲିକ ପିତା ଗୁରୁଜୀ ମଲିକଆଇଡିନଂ.ଓଆର୍‌୩୧୬୮୦୬୭ଙ୍କୁ ଆର୍ଥିକ ବର୍ଷ ୨୦୧୯-୨୦ରେ ଆବାସ ଯୋଜନାରେ ଘର ମିଳିଥିବା ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଜି ପୋର୍ଟଲରେ ଦର୍ଶାଯାଇଛି। ଉପରୋକ୍ତ ବ୍ୟକ୍ତିମାନେ ଘର ପାଇବାକୁ ଯୋଗ୍ୟ ମଧ। ହେଲେ ଅଦ୍ୟାବଧି ସେମାନଙ୍କୁ ଘର ମିଳିନାହିଁ। ଘର ଖଣ୍ଡିଏ ପାଇଁ ସେମାନେ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟ ଦୌଡ଼ିଦୌଡ଼ି ନୟାନ୍ତ ହେଲେଣି। ଅନଲାଇନରୁ ମିଳିଥିବା ତଥ୍ୟ ଅନୁଯାୟୀ, ଉପରୋକ୍ତ ବ୍ୟକ୍ତିମାନଙ୍କ ନାମରେ ଆବାସ ମଞ୍ଜୁର କରାଯାଇ ଅନ୍ୟ ଲୋକଙ୍କ ବ୍ୟାଙ୍କ୍ ଖାତାକୁ ଅର୍ଥ ପଠାଯାଇଛି। ଏହି ଖବର ଜଣାପଡ଼ିବା ପରେ ବ୍ଲକ୍ ଅଞ୍ଚଳରେ ଭାଳେଣି ପଡ଼ିଛି। ଖାଲି କଏଣା-ରଘୁନାଥପୁର ପଞ୍ଚାୟତରେ ନୁହେଁ ବରଂ ସମଗ୍ର ବ୍ଲକ ଅଞ୍ଚଳରେ ଶହଶହ ଆବାସ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ଦୁର୍ନୀତିଖୋର ଅଧିକାରୀଙ୍କ ମୁଖା ଖୋଲିବ ବୋଲି କୁହାଯାଉଛି। ଏବେ ଦେଖିବାକୁ ଅପେକ୍ଷା ପ୍ରଶାସନ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରୁଛି।



ଘର ପାଇବାରୁ ବଞ୍ଚିତ ବ୍ୟକ୍ତି ବିଡିଓଙ୍କୁ ଅଭିଯୋଗ ଦେବାକୁ ଆସିଛନ୍ତି।

# 'ଯୋଗ ମହାମାନବ ସୃଷ୍ଟିରେ ସହାୟକ ହୁଏ'

## ଚିଦାନନ୍ଦ ଯୋଗ ସଂସ୍କୃତି ସଂସ୍ଥାନର ସ୍ୱାଗତୋତ୍ସବ

**ରସୁଲପୁର,୧୨।୨(ଡି.ଏନ.ଏ.):**

ରସୁଲପୁର ବ୍ଲକ ଅନ୍ତର୍ଗତ ବଡ଼କଇଞ୍ଚି ପଞ୍ଚାୟତ ଗରୁଆଳ ଗ୍ରାମସ୍ଥିତ ଚିଦାନନ୍ଦ ଯୋଗ ସଂସ୍କୃତି ସଂସ୍ଥାନ ପକ୍ଷରୁ ରବିବାର ସ୍ୱାଗତୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଚିଦାନନ୍ଦ ଯୋଗ ସଂସ୍କୃତି ସଂସ୍ଥାନର ସଭାପତି ପ୍ରମୋଦ ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ସଂସ୍କୃତ ବିଭାଗ ସହକାରୀ ପ୍ରଫେସର ଡ. ପ୍ରଶାନ୍ତ କୁମାର ଦାଶ, ମୁଖ୍ୟବକ୍ତା ବିଶିଷ୍ଟ ଫିଜିଓ ଥେରାପିଷ୍ଟ କୈବଲ୍ୟ ମହାପାତ୍ର, ସମ୍ମାନିତ ଅତିଥି ଯୋଗାଚାର୍ଯ୍ୟ ଜୟକୃଷ୍ଣ ପରିଡ଼ା, ସୁରେଶ କୁମାର ନାୟକ, ଯୋଗରତ୍ନ ସଂସ୍ଥାର ଅଧ୍ୟକ୍ଷ ସୁଦାମ ଚରଣ ଦାସ, ସଂସ୍ଥାନର ନିର୍ଦ୍ଦେଶକ ଯୋଗାଚାର୍ଯ୍ୟ ବନମାଳୀ ରଥ ପ୍ରମୁଖ ଯୋଗଦେଇ ଯୋଗ ଶରୀରର ସପ୍ତଚକ୍ରକୁ କ୍ରିୟାଶୀଳ କରାଇ ମହାମାନବ ସୃଷ୍ଟି କରିବାରେ ସହାୟକ ହୁଏ। ଯୋଗ ମାନସିକ, ଶାରୀରିକ, ଆଧାତ୍ମିକ ସମସ୍ୟା ସମାଧାନର ଅନ୍ୟନ୍ୟ ସୂତ୍ର ବୋଲି ମତ ରଖିଥିଲେ। ଏହି ଅବସରରେ ଏମ.ଏ. ଇନ୍ ଯୋଗ ପାଠ୍ୟକ୍ରମ ପାଇଁ ନାମ ଲେଖାଇଥିବା ବିଦ୍ୟାର୍ଥୀଙ୍କୁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ ପାଠ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରାଯାଇଥିଲା। ଅଜୟ କୁମାର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପୂର୍ଣ୍ଣଚନ୍ଦ୍ର ଓଝା ଧନ୍ୟବାଦ ଦେଇଥିଲେ। କୁଳମଣି ମିଶ୍ର, ମିନତି ବେହେରା, ରଞ୍ଜିତା ଦେବତା, ପୁଷ୍ପାଞ୍ଜଳି ଦାସ, ସୁଜାତାରାଣୀ କର ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ନୂତନ ବିଦ୍ୟାର୍ଥୀଙ୍କୁ ସଂସ୍ଥାନ ପକ୍ଷରୁ ସମ୍ମାନିତ କରାଯାଇ ଥିଲା।


ସ୍ୱାଗତ ଉତ୍ସବରେ ଉପସ୍ଥିତ ଚିଦାନନ୍ଦ ଯୋଗ ସଂସ୍କୃତି ସଂସ୍ଥାନର କର୍ମକର୍ତ୍ତା ଓ ଅନ୍ୟମାନେ।

# 'ସାମାଜିକ ବ୍ୟବସ୍ଥାରେ ଶିକ୍ଷା ଅପରିହାର୍ଯ୍ୟ'

## ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆଲୋଚନାଚକ୍ର

**ଚଣ୍ଡିଖୋଲ,୧୨।୨(ଡି.ଏନ.ଏ.):**

ଶିକ୍ଷା ମଣିଷ ସମାଜକୁ ଉନ୍ନତି ଓ ବିକାଶ କ୍ଷେତ୍ରରେ ସହାୟକ ହୋଇଥାଏ। ଆଜିର ଶିକ୍ଷାରେ ସମାଜ ବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବର୍ତ୍ତମାନ ସାମାଜିକ ବ୍ୟବସ୍ଥାରେ ଶିକ୍ଷା ମାନବ ଜାତିର ଅପରିହାର୍ଯ୍ୟ ହୋଇପଡ଼ିଛି ବୋଲି ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗର ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଏସ୍‌ଟି, ଏସ୍‌ସି ଓ ମାଇନୋରିଟିଜ ବିଭାଗ ସଚିବ ବିଶ୍ୱରଞ୍ଜନ ସାସମଲ ଯୋଗଦେଇ ଏହି ମତବ୍ୟକ୍ତ କରିଛନ୍ତି।



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥି।

ମହାବିଦ୍ୟାଳୟ ପରିସରରେ ଆୟୋଜିତ ଆଲୋଚନାଚକ୍ରକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ମନୋଜ କୁମାର ଦାସ ଉଦ୍‌ଘାଟନ କରିବା ସହିତ ସଭାପତିତ୍ୱ କରିଥିଲେ। 'ଲର୍ନିଂ ଏ ଲାଇଫ ଲଙ୍ଗ ପ୍ରସେସ' ଶୀର୍ଷକ ଆଲୋଚନାଚକ୍ରରେ ସମାଜ ବିଜ୍ଞାନ ବିଭାଗ ମୁଖ୍ୟ ଡ. ସୁଜାତା ସେନାପତି ପ୍ରାରମ୍ଭିକ ଅଭିଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ସ୍ନିଗ୍ଧାରାଣୀ ସାମଲ ଓ ଅନ୍ୟ ଅଧ୍ୟାପିକାଅଧ୍ୟାପକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାରମ୍ଭରେ ଛାତ୍ରୀ ମିନାକ୍ଷୀ ସାମଲ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅଲିଭା ରାଣୀ ସାହୁ ଓ ଲିଜା ବେହେରା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଅଧ୍ୟାପକ ହିମାଂଶୁ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

# ସରକାରଙ୍କ ଲୋକାଭିମୁଖୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଅ

**ନାଉଗାଁ,୧୨।୨(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ନିର୍ବାଚନ ମଣ୍ଡଳୀର ନାଉଗାଁ ବ୍ଲକ ଜୋନ-୧ ଅନ୍ତର୍ଗତ ମୁଣ୍ଡାଳୋଠାରେ ବିଜେଡି ପକ୍ଷରୁ ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅଲଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ଯୋଗଦେଇ ରାଜ୍ୟ ସରକାରଙ୍କର ବିଭିନ୍ନ ଲୋକାଭିମୁଖୀ ଯୋଜନାଗୁଡ଼ିକ ସାଧାରଣ ଲୋକଙ୍କ ନିକଟରେ ଠିକ୍ ଭାବେ ପହଞ୍ଚିପାରୁ ନ ଥିବା କହିଥିଲେ। ଏନେଇ ଦଳୀୟ କର୍ମୀ ଉଦ୍ୟମ କରିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଦେବୀଦତ୍ତ ମହାନ୍ତି, ଜଗତ୍‌ସିଂହପୁର ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ସାମାଜିକ କର୍ମୀ ଯୁଧିଷ୍ଠିର ସ୍ୱାଇଁ, ଯୁବ ଆଇନଜୀବୀ ବିସ୍ମୟ ଷ୍ଟାର୍ଲିନ, ଜଗତ୍‌ସିଂହପୁର ବ୍ଲକ ପୂର୍ବତନ ଆତ୍ମା କମିଟି ଅଧ୍ୟକ୍ଷ ବରୋଦା ପ୍ରସାଦ ରାୟ ପ୍ରମୁଖ ଯୋଗ ଦେଇ ବନ୍ଧୁମିଳନର ଉଦ୍ଦେଶ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମକୁ ପୂର୍ବତନ ଛାତ୍ର ସଂସଦ ସଭାପତି ତାପସ ଦାସ, ଓମ୍‌ପ୍ରକାଶ ନାୟକ, ଅନିଲ ଲେଙ୍କା, ଅଙ୍ଗଦ ନାୟକ, ଦେବୀପ୍ରସାଦ ପାଢ଼ୀ, ଅଜିତ ମହାନ୍ତି, ନିରଞ୍ଜନ ମହାରଣା, ବିଦ୍ୟାଧର ନାୟକ, ବାପିନା ବିଶ୍ୱାଳ ପ୍ରମୁଖ ପରିଚାଳନା କରୁଥିଲେ। ଜାମୁଗାଁ ପଞ୍ଚାୟତର ଯୁବନେତା ଦିଲୀପ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଳ୍ପୀ ଅଞ୍ଜନଙ୍କୁ ଦିନାନାଥ ପାଠୀ ସ୍ମୃତି ସମ୍ମାନ

**ରସୁଲପୁର,୧୨।୨(ଡି.ଏନ.ଏ.):**

ରସୁଲପୁର ବ୍ଲକ ଅନ୍ତର୍ଗତ ଖଣ୍ଡିତର ଗ୍ରାମର ଶିଳ୍ପୀ ତଥା ଅଧ୍ୟାପକ ଅଞ୍ଜନ କୁମାର ସାହୁଙ୍କୁ ମିଳିଛି ଦିନାନାଥ ପାଠୀ ସ୍ମୃତି ସମ୍ମାନ। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଆୟୋଜିତ କୃତୀ ପ୍ରତିଭା ସମ୍ମାନ ସମାରୋହରେ ଅଞ୍ଜନଙ୍କୁ ସମ୍ମାନିତ କରାଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲା ମୁଖ୍ୟଅତିଥି ଭାବେ ଯୋଗଦେଇ ଅଞ୍ଜନଙ୍କୁ ସମ୍ମାନିତ କରିଛନ୍ତି। ଅଞ୍ଜନଙ୍କ ନିଜର କଳାକୃତି, ସ୍ଥାପତ୍ୟରେ ନିଆରା ଉପସ୍ଥାପନା ସମଗ୍ର ଦେଶରେ ଆଦୃତିଲାଭ କରିପାରିଛି। ତାଙ୍କର ସାଧନା, ସଫଳତା ପାଇଁ ସ୍ଥାପତ୍ୟ ଶିଳ୍ପୀଗୁରୁ ଦିନାନାଥ ପାଠୀଙ୍କ ସ୍ମୃତି ସମ୍ମାନରେ ସମ୍ମାନିତ କରାଯିବା ପାଇଁ ଆୟୋଜକଙ୍କ ପକ୍ଷରୁ ମନୋନୀତ କରାଯାଇଥିଲା। ଅଞ୍ଜନ ଉତ୍କଳ ବିଶ୍ୱବିଦ୍ୟାଳୟରେ କଳା ଅଧ୍ୟାପକ ଭାବେ କାର୍ଯ୍ୟ ଜାରି ରଖିଛନ୍ତି। ତାଙ୍କର ନିଖୁଣ କଳା ନୈପୁଣ୍ୟତା ଜରିଆରେ ସେ ଅନେକ କୃତିତ୍ୱ ହାସଲ କରିଛନ୍ତି। ଦେଶର ବିଭିନ୍ନ କଳା ପ୍ରଦର୍ଶନୀରେ ଅଂଶଗ୍ରହଣ କରି ସ୍ୱୀକୃତି ଅର୍ଜନ କରିବା ସହ ଏକାଧିକ ଥର ସମ୍ମାନିତ ହୋଇ ଆସୁଛନ୍ତି। ଜାତୀୟ ଓ ରାଜ୍ୟ ଲଳିତକଳା ଏକାଡେମୀ ଆନୁକୂଲ୍ୟରେ ଆୟୋଜିତ ବହୁ ପ୍ରଦର୍ଶନୀରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ତାଙ୍କ ଦକ୍ଷତା ଓ କଳା ନୈପୁଣ୍ୟତା ଯୋଗୁ ସେ ସମ୍ମାନିତ ହେବା ସହ ଜନ୍ମମାଟିର ଗୌରବ ବଢ଼ାଇ ପାରିଛନ୍ତି ବୋଲି ଶୁଭେଚ୍ଛୁଙ୍କ ପକ୍ଷରୁ କୁହାଯାଉଛି। କଳା ଅଧ୍ୟାପକ ସାହୁଙ୍କ ଏହି ବିରଳ କୃତିତ୍ୱ ପାଇଁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ବାର୍ତ୍ତା ମିଳିଛି। ଆଗକୁ କିଛି ନିଆରା କଳା ସ୍ଥାପତ୍ୟ ସୃଷ୍ଟି କରିବାକୁ ସେ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି।



ରାଜ୍ୟପାଳ ଅଞ୍ଜନ କୁମାର ସାହୁଙ୍କୁ ଦିନାନାଥ ପାଠୀ ସ୍ମୃତି ସମ୍ମାନରେ ସମ୍ମାନିତ କରୁଛନ୍ତି।

# କେନାଲ ବନ୍ଧରୁ ଅଟୋ ଖସି ଚାଳକ ମୃତ

**ପିପିଲି,୧୨।୨(ସ୍ୱ.ପ୍ର.)**

ପିପିଲି ଥାନା ନୂଆଶାସନ ନିକଟ ସାକ୍ଷୀଗୋପାଳ ଶାଖା କେନାଲରେ ରବିବାର ଭୋର ସମୟରେ ଘରକୁ ଫେରୁଥିବା ଏକ ଯାତ୍ରୀବାହୀ ଅଟୋ ଭାରସାମ୍ୟ ହରାଇ କେନାଲ ବନ୍ଧ ତଳକୁ ଓଲଟି ପଡ଼ିବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନୂଆଶାସନ ଉତ୍ତରସାହିର ପ୍ରଦୀପ ଷଡ଼ଙ୍ଗୀ(୪୩)। ସୂଚନା ଅନୁସାରେ ପ୍ରଦୀପ ନିଜର ଅଟୋ ଯୋଗେ ଭୋର ସମୟରେ ଭଡ଼ାରେ ମକୁନ୍ଦପୁର ଯାଇଥିଲେ। ପରେ ଘରକୁ ଫେରୁଥିବା ବେଳେ କେନାଲ ବନ୍ଧ ଖାଲଖମା ହୋଇଥିବାରୁ ଭାରସାମ୍ୟ ହରାଇ ଅଟୋଟି ଉକ୍ତ କେନାଲ ତଳକୁ ଖସି ଓଲଟି ପଡ଼ିଥିଲା। ଫଳରେ ପ୍ରଦୀପ ଉକ୍ତ ଅଟୋ ତଳେ ଚିପି ହୋଇ ରହିଯାଇଥିଲେ। ଖବର ପାଇ ପରିବାର ଲୋକେ ଓ ଗ୍ରାମବାସୀ ପ୍ରଦୀପଙ୍କୁ ସେଠାରୁ ଉଦ୍ଧାର କରି ପିପିଲି ସରକାରୀ ହସ୍ପିଟାଲକୁ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପିପିଲି ପୋଲିସ ହସ୍ପିଟାଲରେ ପହଞ୍ଚି ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି।

# ପ୍ରତିଭା ବିନା କାବ୍ୟ ସୃଷ୍ଟିରେ ସ୍ୱକୀୟତା ଆସିପାରିବ ନାହିଁ


ଅତିଥି କବିତା ପୁସ୍ତକ ଉନ୍ମୋଚନ କରୁଛନ୍ତି।

## କବିତା ପୁସ୍ତକ ଉନ୍ମୋଚିତ

**ପ୍ରୀତିପୁର,୧୨।୨(ଡି.ଏନ.ଏ.):**

ଫତେପୁର ବରୁଣେଇ ହାଇସ୍କୁଲ୍ ପରିସରରେ କବି ସଚ୍ଚିଦାନନ୍ଦ ଗୁରୁଙ୍କ କବିତାବଳୀ ପୁସ୍ତକ ବିବିଧା ଉନ୍ମୋଚିତ ହୋଇଯାଇଛି। ଅଖିଳଚକ୍ର ଓଡ଼ିଶା ପକ୍ଷରୁ କାବ୍ୟ କବିତାର ସୃଷ୍ଟି ଶୀର୍ଷକ ଜିଲାସ୍ତରୀୟ ଆଲୋଚନାଚକ୍ର ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ଉପସଭାପତି ଡ. ଶ୍ରୀହରି ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷକ ପଣ୍ଡିତ ମହେଶ୍ୱର ନନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ସଚ୍ଚିଦାନନ୍ଦ ଗୁରୁଙ୍କ ପ୍ରକାଶିତ କବିତା ପୁସ୍ତକକୁ ଉନ୍ମୋଚନ କରି କହିଥିଲେ, ସଂସ୍କୃତ ଓ ଓଡ଼ିଆ ଭାଷାରେ ରଚିତ କବିଙ୍କ କବିତା ବହୁ ଉଚ୍ଚକୋଟୀର। ଏବେ ବି ସେଭଳି କବିତା ସୃଷ୍ଟି କରିବା ସମ୍ଭବ ହୋଇନାହିଁ। ଅନୁଷ୍ଠାନର ସମ୍ପାଦକ ହରେକୃଷ୍ଣ ପଣ୍ଡା ପ୍ରାରମ୍ଭିକ ସୂଚନା ଦେଇ କହିଥିଲେ, ପ୍ରତିଭା ବିନା କାବ୍ୟ ସୃଷ୍ଟିରେ ସ୍ୱକୀୟତା ଆସି ପାରିବ ନାହିଁ। ବିଂଶ ଶତାବ୍ଦୀର ପ୍ରାରମ୍ଭରୁ ଯେତେବେଳେ କବିତାରେ ବୌଦ୍ଧିକତା ସ୍ୱୀକୃତିଲାଭ କଲା ସେତେବେଳେ ଆଜନ୍ମ କବିତ୍ୱ ଏବଂ ପ୍ରତିଭା ଭଳି ବିଷୟ ସମ୍ମତ ବିବାଦମାନ ହୋଇ ଉଠିଲା। ଫଳରେ ଏକ ଉନ୍ନତ କବିତାରେ ବୁଝିବାର ଗୁଣ ଧର୍ମ ହରାଇ ବସିଲା। ଜିଲାର ବିଭିନ୍ନ କୋଣରୁ ଆସିଥିବା କବି ନିରଞ୍ଜନ ବେହେରା, ପ୍ରଦୀପ ଜେନା, ପୀତାମ୍ବର ସ୍ୱାଇଁ, ରମାକାନ୍ତ ନାୟକ, ଶିବରାମ ଦାସ, ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଦାଶ, ପ୍ରଧାନଶିକ୍ଷକ ଦେବେନ୍ଦ୍ର ସାମଲ, ଅଧ୍ୟାପକ ଅଜୟ ଓଝା, ଶିକ୍ଷାବିତ୍ ସୁରେନ୍ଦ୍ର ପତି ଓ ନବଘନ ଦାସ ପ୍ରମୁଖ ଯୋଗଦେଇ ବିବିଧାର ସମୀକ୍ଷା କରିଥିଲେ। ଶେଷରେ ଗୌରାଙ୍ଗ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ବିପଦରେ ଭିତରକନିକାର ବନ୍ୟଜନ୍ତୁ

**କେନ୍ଦ୍ରାପଡ଼ା ଅଫିସ, ୧୨।୨**

କେନ୍ଦ୍ରାପଡ଼ା ଜିଲା ରାଜନଗର ବନଖଣ୍ଡ ଅଧୀନ ଜାତୀୟ ଭିତରକନିକା ଅଞ୍ଚଳରୁ ମାସକ ମଧ୍ୟରେ ହରିଣ, ବାର୍‌ହା ଆଦି ଶିକାର କରୁଥିବା ଅଭିଯୋଗରେ ୪ ଅଭିଯୁକ୍ତଙ୍କୁ ବନ ବିଭାଗ ଗିରଫ କରିଛି। ସେହିପରି ଗତ ଦୁଇ ଦଶନ୍ଧି ମଧ୍ୟରେ ଜାତୀୟ ଉଦ୍ୟାନ ଭିତରକନିକା ମଧ୍ୟରୁ ବନ୍ୟ ଓ ସାମୁଦ୍ରିକ ପ୍ରାଣୀ, ଦେଶୀ ବିଦେଶୀ ପ୍ରଜାତିର ପକ୍ଷୀ ଆଦି ଶିକାର କରି ବନ ବିଭାଗ ଦ୍ୱାରା ୪୦୦ରୁ ଅଧିକ ଶିକାରୀ ଧରା ପଡିଛନ୍ତି। ଏମାନେ ଗିରଫ ହେଉଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଦୋଷୀ ଭାବେ ପ୍ରମାଣିତ କରିବା ଓ ତାଙ୍କୁ ଦଣ୍ଡ ବିଧାନ କରିବା ବନ ବିଭାଗ ପକ୍ଷରୁ ଯଥେଷ୍ଟ ଉଦ୍ୟମ ହେଉନାହିଁ। ଫଳରେ ପ୍ରତିବର୍ଷ ୧୦ରୁ ୩୦ଟି ଶିକାର ଘଟଣାରେ ଅଭିଯୁକ୍ତ ଗିରଫ ହେଉଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ପଡୁନାହିଁ। ବନ୍ୟ ଜନ୍ତୁ ସଂରକ୍ଷଣ ଆଇନ ବିଭାଗୀୟ କାଗଜପତ୍ରରେ ସୀମିତ ରହିଥିବା ବେଳେ ଜାତୀୟ ଉଦ୍ୟାନର ଜୀବଜନ୍ତୁ ବିପଦରେ ଅଛନ୍ତି ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।

ସାମୁଦ୍ରିକ କଇଁଛ ଓ ହେନ୍ତାଳବଣ ସଂରକ୍ଷଣ ସମିତିର ସମ୍ପାଦକ ହେମନ୍ତ କୁମାର ରାଉତ, ପରିବେଶବିତ୍ ଲକ୍ଷ୍ମୀକାନ୍ତ ସ୍ୱାଇଁ, ସୁବାସ ସ୍ୱାଇଁ, ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ, ରାଧାକାନ୍ତ ମହାନ୍ତି ପ୍ରମୁଖ କହିଛନ୍ତି, ୨୦୧୫ରେ ୨ଜଣ ବ୍ୟକ୍ତି ୪ଟି ବଗ ମାରିବା ଅଭିଯୋଗରେ କିଛିଦିନ ପାଇଁ ଜେଲ ଯାଇଥିଲେ। ତେବେ ତଥ୍ୟ ଅନୁଯାୟୀ ଗତ ୫ ବର୍ଷ ମଧ୍ୟରେ ୬ଜଣ ଅଭିଯୁକ୍ତ କୁମ୍ଭୀର ଓ ହରିଣ ମାରିଥିବା ଅଭିଯୋଗରେ ବନ ବିଭାଗ ଗିରଫ କରିଥିଲେ ମଧ୍ୟ ଏହି ଶିକାରୀ ଦୋଷମୁକ୍ତ ହୋଇଛନ୍ତି। ଅପରପକ୍ଷରେ ଶତାଧିକ ମାମଲା କୋର୍ଟରେ ଅଛି। ଏଗୁଡିକ ତୁରନ୍ତ ବିଚାର କରି ଦଣ୍ଡବିଧାନ କରାଗଲେ ଶିକାରୀ ଆଇନ ପ୍ରତି ସଚେତନ ହୋଇପାରନ୍ତେ। ଭିତରକନିକାରେ ଏବେ ୨୦୦ରୁ ଅଧିକ ବନ୍ୟ ଓ ସାମୁଦ୍ରିକ ପ୍ରାଣୀଙ୍କ ଉପରେ ଏହି ଶିକାରୀଙ୍କ ନଜର ପଡିଛି। ପ୍ରତିବର୍ଷ ବାର୍‌ହା, ଠେକୁଆ, ହରିଣ ଆଦି ଶିକାର କରାଯାଉଥିବା ବେଳେ ସରୀସୃପ, କଇଁଛ, ଶାମୁକା, ନୀଳରକ୍ତ କଙ୍କଡା ଆଦିର ଚୋରା ଚାଲାଣ ବଢ଼ିଛି। ଏଠାରେ ବିଭିନ୍ନ ଉପାୟରେ ଶିକାର ଚାଲିଛି। ବାର୍‌ହା,

- ୪୦୦ରୁ ଅଧିକ ଗିରଫ, ଶିକାରୀଙ୍କୁ ଦଣ୍ଡ ମିଳୁନି
- କାଗଜପତ୍ରରେ ଚାଲିଛି ବନ୍ୟଜନ୍ତୁ ସଂରକ୍ଷଣ



ହରିଣ, ଠେକୁଆ ଆଦି ବନ୍ୟ ଜନ୍ତୁଙ୍କୁ ଧରିବା ପାଇଁ ଫାଶ ଓ ପୋଷା କୁକୁର ବ୍ୟବହାର ହେଉଛି। ପ୍ଲାଷ୍ଟିକ ରଶି ଅଥବା ବାଇକ୍‌ର କ୍ଲଚ୍ ଓୟାରକୁ ଫାଶ ଭାବେ ବ୍ୟବହାର କରାଯାଉଥିବା ବେଳେ ଶିକାରକୁ ଘଉଡାଇବା ପାଇଁ କୁକୁରଙ୍କୁ ଲଗାଯାଉଛି। ସେହିପରି ବିଭିନ୍ନ ପ୍ରାଣୀ, ପକ୍ଷୀଙ୍କ ପାଇଁ ଜାଲ ଓ ଯନ୍ତାର ସାହାରା ନିଆଯାଉଛି। ବନ୍ୟ ଓ ସାମୁଦ୍ରିକ ପ୍ରାଣୀ ଭିତରକନିକାରୁ କମିବା କାରଣରୁ ପ୍ରକୃତି ସନ୍ତୁଳିତ ହୋଇ ରହୁନାହିଁ। ବିଭିନ୍ନ ଜୀବଜନ୍ତୁଙ୍କ ପାଇଁ ଜଙ୍ଗଲ ଅଧିକ ଘଞ୍ଚ ହୋଇଥାଏ। ତେବେ ଏମାନଙ୍କ ସୁରକ୍ଷା ଦାୟିତ୍ୱ ବନ ବିଭାଗର କେବଳ କାଗଜପତ୍ରରେ ସୀମିତ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି। ବନ୍ୟ ପ୍ରାଣୀ ଆଇନ ବିଶାରଦ ତଥା ଆଇନଜୀବୀ ସୁଶ୍ରୀ କୁମାରୀ ନାୟକ କହିଛନ୍ତି, ଦୋଷୀଙ୍କୁ ଦଣ୍ଡ ବିଧାନ ପାଇଁ ଉପଯୁକ୍ତ ପ୍ରମାଣ ଆବଶ୍ୟକ। ମାମଲାର ଶୁଣାଣି ପାଇଁ ଅଧିକ ସମୟ ନିଆଯାଉଥିବାରୁ ଅଧିକାଂଶ ପ୍ରମାଣ ନଷ୍ଟ ହେଉଛି। ସେହିପରି ଫୋରେନସିକ ଟେଷ୍ଟ ରିପୋର୍ଟରେ ଅଭାବ, ସାକ୍ଷୀଙ୍କ ଅସହଯୋଗ ଶିକାରୀଙ୍କୁ ଦୋଷମୁକ୍ତ କରୁଛି। ବନ ବିଭାଗ ପକ୍ଷରୁ କେବେହେଲେ ଅଙ୍ଗୁଳି ଛାପ ନିଆଯାଉ ନ ଥିବାବେଳେ ଆର୍ମସ ଆକ୍ଟ ଲଗା ଯାଉନାହିଁ। ସେହିପରି ତଦନ୍ତ ଅଧିକାରୀଙ୍କ ବୟାନ ମାମଲାର ସୁପରିଚାଳନା ପାଇଁ ଅଧିକ ଗୁରୁତ୍ୱ ବହନ କରେ। ତେବେ ଏସବୁ ମାମଲାରେ ଡିଏଫ୍‌ଓଙ୍କୁ ସାମିଲ କରାଉଛି ବୋଲି ସେ ମତ ଦେଇଛନ୍ତି। ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରେ ବନ୍ୟ ଜୀବଜନ୍ତୁଙ୍କ ସୁରକ୍ଷାକୁ ସର୍ବଦା ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ କର୍ମଚାରୀ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଶ୍ରେଣୀ ଗୃହରେ ଅଙ୍ଗନୱାଡି କର୍ମୀଙ୍କୁ ହତ୍ୟା ଧମକ

ବାଲିକୁଦା,୧୨।୨(ସ୍ୱ.ପ୍ର.): ବାଲିକୁଦା ଥାନା ଅନ୍ତର୍ଗତ ତରାସାହି ଗାଁର ଅଙ୍ଗନୱାଡି କେନ୍ଦ୍ରରେ ଜଣେ କର୍ମୀଙ୍କୁ ଶ୍ରେଣୀ ଗୃହରେ ସ୍ୱାମୀ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ମାମଲା (ନଂ. ୬୬/୨୩) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଏହି ଥାନା ଅନ୍ତର୍ଗତ ତେର୍ତ୍ତଙ୍ଗ ପଞ୍ଚାୟତ ତୁଣ୍ଡି ଗ୍ରାମର ଶରତ କାନୁନଗୋଙ୍କ ଝିଅ ସୁଜାତା କାନୁନଗୋଙ୍କ ସହ ତାହା ହିଁ ଗ୍ରାମର ମନୋଜ ବେହେରାଙ୍କ ୨୦୦୫ରେ ବିବାହ ହୋଇଥିଲା। ବିବାହ ପରଠାରୁ ମନୋଜ ପ୍ରତିଦିନ ମଦ ପିଇ ସୁଜାତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଏନେଇ ସୁଜାତା ବାପଘରକୁ ଚାଲିଆସିବା ସହ ତରସାହି ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ଭାବେ କାମ କରୁଥିଲେ। ଶୁକ୍ରବାର ସୁଜାତା ଅଙ୍ଗନୱାଡି କେନ୍ଦ୍ରରେ ପିଲାଙ୍କୁ ପାଠ ପଢ଼ାଉଥିବାବେଳେ ସ୍ୱାମୀ ମନୋଜ ସେଠାକୁ ଆସି ଶ୍ରେଣୀ ଗୃହରେ ପଶି ଗାଳି କରିବା ସହ ଘରକୁ ନେବା ପାଇଁ ଜବରଦସ୍ତି କରିଥିଲେ। ଏଥିସହ ତରାସାହି ଆସିଲେ ହାଣିଦେବାକୁ ଧମକ ଦେଇଥିଲେ। ଏନେଇ ସୁଜାତା ବାଲିକୁଦା ଥାନାରେ ଅଭିଯୋଗ କରିଛନ୍ତି।

### ଗାଦିବ୍ରହ୍ମ କ୍ରିକେଟ : ଖାଲଗାଁ ବିଜୟୀ

ବାଲିକୁଦା,୧୨।୨(ସ୍ୱ.ପ୍ର.): ଗାଦିବ୍ରହ୍ମ କ୍ରିକେଟ କ୍ଲବ ଅପଣ୍ଡରା ଆନୁକୂଲ୍ୟରେ ଆୟୋଜିତ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ମକର ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚରେ ମୁଖ୍ୟ ଅତିଥିଭାବେ ସୁପ୍ରିମକୋର୍ଟ ବରିଷ୍ଠ ଆଇନଜୀବୀ ଡ. ସୁଶାନ୍ତ କୁମାର କାନୁନଗୋ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ମାଛଗାଁ ଓ ଖାଲଗାଁ ମଧ୍ୟରେ ଖେଳା ଯାଇଥିଲା। ମାଛଗାଁ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ବିନିମୟରେ ୫୧ ରନ ସ୍କୋର କରିଥିଲା। ଜବାବ୍‌ରେ ଖାଲଗାଁ ୭ ଉଇକେଟ ବିନିମୟରେ ୯ ଓଭର ଶେଷ ସୁଦ୍ଧା ୫୨ ରନ କରି ବିଜୟୀ ହୋଇଛି। ଅମ୍ପାୟରଭାବେ ରାକେଶ ପରିଡା ଓ ଅଭିଷେକ ମହାନ୍ତି ମ୍ୟାଚ ପରିଚାଳନା କରିଥିଲେ। ସ୍କୋରିଂରେ ଚିକୁନ ମହାନ୍ତି ସହଯୋଗ କରିଥିଲେ।

### ବିଧାୟକଙ୍କୁ ଗିରଫ କରା ନ ଗଲେ ରାସ୍ତାକୁ ଓହ୍ଲାଇବ କଂଗ୍ରେସ

ତିର୍ତ୍ତୋଲ,୧୨।୨(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ତରଜଙ୍ଗସ୍ଥିତ ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ କଂଗ୍ରେସ ନେତା ଇଂ.ହିମାଂଶୁ ଭୂଷଣ ମଲ୍ଲିକଙ୍କ ଆବାହକତ୍ୱରେ ରବିବାର ସନ୍ଧ୍ୟାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସଙ୍କ ବିରୋଧରେ ଥାନାରେ ହୋଇଥିବା ମାମଲା ଆଧାରରେ ତାଙ୍କୁ ଶିଘ୍ର ଗିରଫ କରା ନ ଗଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଘୋଷଣା କରାଯାଇଥିଲା। ବିଧାୟକଙ୍କ ବିରୋଧରେ ତାଙ୍କ ବାନ୍ଧବୀ ସୋମାଲିକା ଦାଶ ଯେଉଁ ଏତଲା ଦାଏର କରିଛନ୍ତି ତାକୁ ନେଇ ମହିଳା କଂଗ୍ରେସ ସ୍ୱର ଉତ୍ତୋଳନ ଜାରି ରଖିବ ବୋଲି ଉପସ୍ଥିତ ମହିଳା କଂଗ୍ରେସ କର୍ମକର୍ତ୍ତା ପ୍ରକାଶ କରିଥିଲେ। ଏନେଇ ୨ ଦିନ ତଳେ ଜଗତ୍‌ସିଂହପୁର୍ ଏସ୍‌ପିଙ୍କୁ ମହିଳା କଂଗ୍ରେସର କର୍ମକର୍ତ୍ତାମାନେ ଦାବିପତ୍ର ଦେଇଥିଲେ। ଏଯାଏ ବିଧାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରାଯାଇଥିଲା। ବ୍ଲକ କଂଗ୍ରେସ ସଭାପତି ନୀହାର ରଞ୍ଜନ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ମହିଳା କଂଗ୍ରେସ ସଭାପତି ଅନୁସୟା ପ୍ରଧାନ, ପ୍ରତିମା ମଲ୍ଲିକ, ଦୀପ୍ତିମୟୀ ପ୍ରଧାନ, ଦେବ ପ୍ରସାଦ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ବେଆଇନ ମାଦକଦ୍ରବ୍ୟ କାରବାରକୁ ପ୍ରୋତ୍ସାହନ

■ ସରକାରୀ କର୍ମଚାରୀ, ନିଳାମଧାରୀ, ଚୋରା କାରବାରକାରୀଙ୍କ ଅସାଧୁ ମେଣ୍ଟ
■ ଅଭିଯୋଗ କଲେ ମିଳୁଛି ଧମକ

ଜଗତ୍‌ସିଂହପୁର ଅଫିସ, ୧୨।୨

ଜଗତ୍‌ସିଂହପୁର ଜିଲାର ଅନେକ ଠିପି ବନ୍ଦ ମଦ ଦୋକାନ ଆଗରେ ମଦୁଆମାନେ ଏହାକୁ କିଣି ଖୁଲମ୍‌ଖୁଲା ପିଉଛନ୍ତି। ସେଠାରେ ବେଆଇନ୍ ଭାବେ ବାର୍ ଭଳି ସୁବିଧା କରାଯାଇଛି। ଏହାସତ୍ତ୍ୱେ ବିଭାଗୀୟ ଅଧିକାରୀମାନେ ଚୁପ ରହୁଛନ୍ତି। ଏସବୁ ଦୋକାନ ସମ୍ମୁଖ ରାସ୍ତାଦେଇ ସାଧାରଣ ଲୋକ ଯାତାୟାତ କରୁଥିବା ବେଳେ ବହୁ ସମୟରେ ମଦୁଆମାନଙ୍କ ଯୋଗୁ ବାଧା ଉପୁଜୁଛି। ଏନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଆଗକୁ ଏହା ଆନ୍ଦୋଳନର ରୂପ ନେବ ବୋଲି କୁହାଯାଉଛି।

ଜିଲାରେ ବିଦେଶୀ (ଠିପି ବନ୍ଦ) ମଦ ଦୋକାନ ୨୬ଟି ଥିବାବେଳେ ବିଦେଶୀ (ଠିପି ଖୋଲା)୪, ରେଷ୍ଟୁରାଣ୍ଟ (ଠିପି ଖୋଲା) ୨୭, କ୍ଲବ ୧, ପାରାଦୀପସ୍ଥିତ ମିଲିଟାରୀ କ୍ୟାଣ୍ଟିନ୍ ୧, ଦେଶୀ (କଣ୍ଟ୍ରି ସ୍ପିରିଟ୍) ୧୩, ବିୟର ପାର୍ଲର ୨ ଓ ଭାଙ୍ଗ ଦୋକାନ ୮ଟି ରହିଛି । ନିୟମ ରହିଛି ପ୍ରତ୍ୟେକ ଦୋକାନ ଆଗରେ ବ୍ରାଣ୍ଡ ଅନୁଯାୟୀ ସରକାରଙ୍କ ପକ୍ଷରୁ ସ୍ଥିରୀକୃତ ମୂଲ୍ୟ ତାଲିକା (ରେଟ ଚାର୍ଟ) ରହିବ। ଏହାଦ୍ୱାରା କେହି ମଦ କିମ୍ବା ଅନ୍ୟ ଅବକାରୀ ସାମଗ୍ରୀ କିଣିବାକୁ ଚାହିଁଲେ ତାଲିକା ଦେଖି ଉପଯୁକ୍ତ ମୂଲ୍ୟରେ କିଣିପାରିବେ। କିନ୍ତୁ ମଦ ଦୋକାନୀମାନେ ସେମାନଙ୍କ ଦୋକାନ ଆଗରେ ଏହି ତାଲିକା ପ୍ରଦର୍ଶିତ କରୁନାହାନ୍ତି। ଯେଉଁ କାଁ ଭାଁ କେତେଜଣ କରୁଛନ୍ତି ତାହା ଯେପରି କେହି ଦେଖି ନ ପାରିବେ କିମ୍ବା ପଢ଼ି ନ ପାରିବେ ସେଭଳି ସ୍ଥାନରେ ପୋଷ୍ଟର ମାରିଛନ୍ତି । କାରଣ ତାଲିକା ରହିଲେ କିମ୍ବା ପଢ଼ିହେଲେ କେଉଁ ମଦ କେତେ ଟଙ୍କାରେ ବିକ୍ରି ହେବ ତାହା ଜଣାପଡ଼ିଯିବ ଏବଂ ସେମାନଙ୍କ ମନମାନି ରହିବ ନାହିଁ। କେବଳ ଏତିକି ନୁହେଁ, ଗ୍ରାହକ ମଦ କିଣିଲେ ବିଲ୍ ପାଇବା କଥା । କିନ୍ତୁ ତାହା ଦିଆଯାଉନାହିଁ । ବିଲ୍‌ରେ ଉପଯୁକ୍ତ ମୂଲ୍ୟ ଉଲ୍ଲେଖ କରିବା ବାଧ୍ୟବାଧକତା ଥିବାରୁ ମଦ ଦୋକାନୀମାନେ ମନମାନି କରୁଛନ୍ତି। ଏ ସମ୍ପର୍କରେ କେତେଜଣ ଲୋକଙ୍କ କହିବା କଥା ହେଲା, ଜଗତ୍‌ସିଂହପୁର ସାନ ବଜାର ଅଞ୍ଚଳରେ ଥିବା ମଦ ଦୋକାନରୁ ସେମାନେ ଅନେକ ସମୟରେ ଚଢ଼ା ଦରରେ ମଦ କିଣୁଛନ୍ତି । ବିଲ୍ ମାଗିଲେ ମିଳୁନି। କାହିଁକି ଦେବେନାହିଁ ବୋଲି ପ୍ରଶ୍ନ କଲେ ଦିଆଯିବନାହିଁ, ଯଦି ଇଚ୍ଛା ଅଛି ନିଅ ନଚେତ ଆଉ କେଉଁଠିକୁ ଯାଅ ବୋଲି ଉତ୍ତର ମିଳୁଛି। ଯେହେତୁ ଦୂରତା ଦୃଷ୍ଟିରୁ ଅନ୍ୟତ୍ର ଯିବା କଷ୍ଟକର ତେଣୁ ବାଧ୍ୟ ହୋଇ କିଣୁଛନ୍ତି। ଅନ୍ୟପଟେ ଜିଲାର ଦୋକାନୀମାନେ ଚୋରା ମଦ କାରବାରକାରୀଙ୍କୁ ଦିନ ଦ୍ୱି ପ୍ରହରରେ ପେଟି ପେଟି ବିକୁଥିଲେ ସୁଦ୍ଧା ତା ଉପରେ ଅଙ୍କୁଶ ରହୁନି। ଏହି ଚୋରା କାରବାରକାରୀମାନେ ଗାଁ ଗହଳିରେ ମନଇଚ୍ଛା ଦରରେ ମଦ ବିକି ସାମାଜିକ ଅସ୍ଥିରତା ସୃଷ୍ଟି କରୁଛନ୍ତି। ଠିପି ବନ୍ଦ ମଦ ଦୋକାନ ଆଗରେ ଦିବାଲୋକରେ ଲୋକେ ମଦ ପିଉଛନ୍ତି । ଏପରି କି ରାତି ୧୧ଟା ପର୍ଯ୍ୟନ୍ତ ମଧ୍ୟ ମଦୁଆମାନେ ଠିପି ଖୋଲି ମଦ ପିଉଥିଲେ ସୁଦ୍ଧା ପ୍ରତ୍ୟେକ ନିରବଦ୍ରଷ୍ଟା ସାଜିଛନ୍ତି।

ଅପରପକ୍ଷେ ବେଆଇନ ଦେଶୀ, ବିଦେଶୀ ମଦ ସାଙ୍ଗକୁ ଗଞ୍ଜେଇ, ଅଫିମ ଏପରି କି ବ୍ରାଉନ ସୁଗାର କାରବାର ଉପରେ ମଝିରେ ମଝିରେ ଉପରଠାଉରିଆ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଟାର୍ଗେଟ୍ ପୂରଣ ପାଇଁ ଚଢ଼ାଉ କରାଯାଉଥିବା କେତେକଙ୍କୁ କୁହାଯାଇ ଦୁର୍ବଳ ମାମଲା ରୁଜୁ କରାଯାଉଛି। ଆଉ କେତେଜଣଙ୍କ ମାସିକିଆ ଚାନ୍ଦା ଦେବାରେ ବ୍ୟତିକ୍ରମ କଲେ ଏଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଯେଉଁମାନେ ଚାନ୍ଦା ଦେଉଛନ୍ତି ସେମାନେ ମନଇଚ୍ଛା ଦରରେ ମାଦକଦ୍ରବ୍ୟ ବିକ୍ରି କରି ଚାଲିଛନ୍ତି । ଅଭିଯୋଗ ହେଲେ ଅସାଧୁ କର୍ମଚାରୀମାନେ ବେଆଇନ ମାଦକଦ୍ରବ୍ୟ କାରବାରକାରୀଙ୍କୁ ସୁରକ୍ଷା ବାଟ ଦେଖାଇ ଉପରଠାଉରିଆ ଦାୟିତ୍ୱ ସମ୍ପାଦନ କରୁଛନ୍ତି। କେବଳ ଏତିକି ନୁହେଁ, କିଏ ଅଭିଯୋଗ କଲେ ତାଙ୍କ ନାଁ ଚୋରା ମାଦକଦ୍ରବ୍ୟ କାରବାରକାରୀଙ୍କୁ କହିବାକୁ ପଛାଉନାହାନ୍ତି। ଏହାଦ୍ୱାରା ଅଭିଯୋଗକାରୀମାନେ ଚୋରା ମଦ କାରବାରକାରୀଙ୍କ ଟାର୍ଗେଟରେ ରହି ଧମକଚମକଠାରୁ ଆରମ୍ଭ କରି ଅନେକ କ୍ଷତିର ସମ୍ମୁଖୀନ ହେଉଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ବେଆଇନ ମାଦକଦ୍ରବ୍ୟ କାରବାରକାରୀ, ଅବକାରୀ ଓ ପୋଲିସ କର୍ମଚାରୀଙ୍କ ମଧ୍ୟରେ ଏଭଳି ଗୁପ୍ତ ବୁଝାମଣା ସମାଜ ଉପରେ କୁପ୍ରଭାବ ପକାଇ ଚାଲିଛି ।

ଏ ସମ୍ପର୍କରେ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ବୈଜୟନ୍ତୀ ପଣ୍ଡାଙ୍କୁ ପଚାରିବାରୁ, ଚଢ଼ାଉ ଜାରି ରହିବା ସହ ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଥିବା କହିଛନ୍ତି। ତଥାପି ଅଭିଯୋଗ ହେଉଥିବାରୁ ବିଭାଗକୁ ଅଧିକ ଦାୟିତ୍ୱବାନ ହେବାକୁ ପଡ଼ିବ ବୋଲି ସେ କହିଛନ୍ତି।

# ସାଲିସ କରିବା ସାମ୍ବାଦିକତା ବୃତ୍ତି ପାଇଁ ଅସହ୍ୟ ହେଲାଣି



ବନ୍ଦର ସଚିବ ପି.ଏନ୍.ବେହକର ସମ୍ମିଳନୀକୁ ଉଦ୍‌ଘାଟନ କରୁଛନ୍ତି।

### ସମ୍ମିଳିତ କର୍ମଜୀବୀ ଖବରଦାତା ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ

ପାରାଦୀପ,୧୨।୨ (ସ୍ୱ.ପ୍ର.)

ପାରାଦୀପ ବଡପଡ଼ିଆସ୍ଥିତ ଜୟଦେବ ସଦନରେ ରବିବାର ଜାତୀୟ ସମ୍ମିଳିତ କର୍ମଜୀବୀ ଖବରଦାତା ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶତାଧିକ ଖବରଦାତା ଯୋଗ ଦେଇଥିଲେ। ବନ୍ଦର ସଚିବ ପି.ଏନ୍.ବେହକର ଏହାକୁ ଉଦ୍‌ଘାଟନ କରିଥିଲେ।

ଆଲୋଚକ ଭାବେ ସ୍ତମ୍ଭକାର ଅରୁଣ କୁମାର ପଣ୍ଡା, ଭାଗବତ ତ୍ରିପାଠୀ, ଡ.ମହେଶ୍ୱର, କିଶୋରଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଂଘର ଜାତୀୟ ସଭାପତି ପୀତାମ୍ବର ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ଖବରଦାତାମାନେ ବିଭିନ୍ନ ଅଗ୍ନି ପରୀକ୍ଷାର ସମ୍ମୁଖୀନ ହେଉଛନ୍ତି। ଏପରିକି କରୋନା କଟକଣା ସମୟରୁ ବିଧାନସଭା, ଲୋକ ସେବା ଭବନ, କମିଶନରେଟ୍ ପୋଲିସ ଆଦି ଜାଗାକୁ ଯିବା ଲାଗି ବାରଣ କରାଯାଇଛି। ଶାସକ ପ୍ରଶାସକମାନେ ଖବରଦାତାଙ୍କ ପାଇଁ ଭିନ୍ନ ଭିନ୍ନ ନିୟମ କରୁଛନ୍ତି। ଏହାକୁ ସହିବା କଷ୍ଟକର ହେଲାଣି। ବିଶେଷ କରି ସରକାରୀ କଳ ସହ ସାଲିସ କରିବା ଅସହ୍ୟ ହେଲାଣି ବୋଲି ମୁଖ୍ୟ ଆଲୋଚକ ପଣ୍ଡା କହିଥିଲେ। ଏଥିପାଇଁ ସମସ୍ତେ ଏକତ୍ର ହେବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜଗତସିଂହପୁର ଜିଲାର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଛାତ୍ରୀଛାତ୍ର, ଭିନ୍ନକ୍ଷମ, ପରିବେଶବିତ୍, ସାମାଜିକ କର୍ମୀ ଓ ଖବରଦାତାମାନେ ଥିଲେ। ଅପରାହ୍ନରେ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଶୋଭାଯାତ୍ରା ଜୟଦେବ ସଦନଠାରୁ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ହୋଇଥିଲା।

# ସମୃଦ୍ଧ ରାଷ୍ଟ୍ର ଗଠନରେ ଯୁବଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ




ଆଲୋଚନାଚକ୍ରରେ ଯୋଗ ଦେଇଥିବା ଅତିଥିମାନେ।

ରଘୁନାଥପୁର,୧୨।୨(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ପକ୍ଷରୁ ଆତ୍ମନିର୍ଭର ଭାରତ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଇଜରର କୁଳସଚିବ ତଥା କଲେଜ ପରିଚାଳନା ପରିଷଦର ସଭାପତି ଅଭୟ କୁମାର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ସମୃଦ୍ଧ ରାଷ୍ଟ୍ର ଗଠନରେ ଯୁବଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଏ ସମ୍ପର୍କରେ ବ୍ୟାଖ୍ୟା କରିବାକୁ ଯାଇ ସେ କହିଥିଲେ ଯେ, ମହାତ୍ମା ଗାନ୍ଧୀ ଦେଖିଥିବା ସ୍ୱପ୍ନର ଭାରତ ପରିକଳ୍ପନାକୁ ସାକାର ରୂପ ଦେବାକୁ ହେଲେ ଛାତ୍ରମାନେ ଏ ସମ୍ବନ୍ଧରେ ଗଭୀର ଅନୁଶୀଳନ କରିବା ଜରୁରୀ। ଅନ୍ୟତମ ଅତିଥି ଭାବେ ପ୍ରାଧ୍ୟାପକ ପ୍ରସନ୍ନ କୁମାର ତ୍ରିପାଠୀ ଯୋଗଦେଇ ଜଗତୀକରଣ କ୍ଷେତ୍ରରେ ଭାରତୀୟ ଅର୍ଥନୀତି ଓ ଏହାର ସୁବିନିଯୋଗ ସମ୍ପର୍କରେ ବିସ୍ତାର ରୂପେ ଆଲୋଚନା କରିଥିଲେ। ଅଧ୍ୟକ୍ଷ ସରୋଜ କୁମାର ପଣ୍ଡା ଆଲୋଚନାଚକ୍ରରେ ପୌରୋହିତ୍ୟ କରି କହିଥିଲେ ଯେ, ଛାତ୍ରୀଛାତ୍ରମାନେ କେବଳ ଚାକିରି ଆଶାରେ ଅର୍ଥନୀତିକୁ ଆଯୁଧ ନ କରି ନିଜେ ଜଣେ ଉଦ୍ୟୋଗୀ ଭାବେ ପ୍ରତିଷ୍ଠା ଲାଭ କରିବା ନିମନ୍ତେ ଅଭିଳାଷ ରଖିବା ଉଚିତ୍। ସମ୍ମାନିତ ଅତିଥି ଭାବେ ସୁଶ୍ରୀ ଗୀତା ରଥ ଓ ପ୍ରାଧ୍ୟାପିକା ଡ.ବିରସ କୁମାରୀ ନାୟକ ଛାତ୍ରୀଛାତ୍ରଙ୍କୁ ଏହି ଆଲୋଚନାଚକ୍ରର ତାତ୍ପର୍ଯ୍ୟ ଏବଂ ଗଠନମୂଳକ ଉଦାରବାଦୀ ଚିନ୍ତାଧାରା ସମ୍ପର୍କରେ କହିଥିଲେ। ଛାତ୍ରୀ ପ୍ରିୟଦର୍ଶିନୀ ସାହୁ, ରାଜଶ୍ରୀ ବେହେରା, ରାଜଲକ୍ଷ୍ମୀ ବେହେରା, କିଷାନ ଜେନା ଓ ପୂଜାଲିନ ବେହେରା ସ୍ୱଲିଖିତ ସନ୍ଦର୍ଭ ପାଠ କରିବା ସହ ଏ ସମ୍ପର୍କିତ ଆଲୋଚନାରେ ଭାଗ ନେଇଥିଲେ। ଅଧ୍ୟାପକ ବଳରାମ ପାଳ ଅତିଥି ପରିଚୟ ସହ ସଭା ପରିଚାଳନା କରିଥିଲେ। ଅଧ୍ୟାପିକା ସୌମ୍ୟାଶ୍ରୀ ମହାନ୍ତି ଅର୍ଥନୀତି ସମ୍ପର୍କରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିବା ସହ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ଏବଂ ଶିକ୍ଷା କର୍ମଚାରୀମାନେ ସହଯୋଗ କରିଥିଲେ।

### ସରକାରଙ୍କ ଲୋକାଭିମୁଖୀ ଯୋଜନା ଲୋକଙ୍କ ପାଖରେ ପହଞ୍ଚଅ

ନାଉଗାଁ,୧୨।୨(ସ୍ୱ.ପ୍ର.)

ଜଗତ୍‌ସିଂହପୁର ନିର୍ବାଚନ ମଣ୍ଡଳୀର ନାଉଗାଁ ବ୍ଲକ ଜୋନ-୧ ଅନ୍ତର୍ଗତ ମୁଣ୍ଡାଲୋଠାରେ ବିଜେଡି ପକ୍ଷରୁ ବନ୍ଧୁମିଳନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଅଲଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଶାନ୍ତ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ଯୋଗଦେଇ ରାଜ୍ୟ ସରକାରଙ୍କର ବିଭିନ୍ନ ଲୋକାଭିମୁଖୀ ଯୋଜନା ସାଧାରଣ ଲୋକଙ୍କ ନିକଟରେ ଠିକ୍ ଭାବେ ପହଞ୍ଚିପାରୁ ନ ଥିବା କହିଥିଲେ। ଏନେଇ ଦଳୀୟ କର୍ମୀ ଉଦ୍ୟମ କରିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଦେବୀଦତ୍ତ ମହାନ୍ତି, ଜଗତ୍‌ସିଂହପୁର ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ସାମାଜିକ କର୍ମୀ ଯୁଧିଷ୍ଠିର ସ୍ୱାଇଁ, ଯୁବ ଆଇନଜୀବୀ ବିସ୍ମୟ ଷ୍ଟାର୍ଲିନ, ଜଗତ୍‌ସିଂହପୁର ବ୍ଲକ ପୂର୍ବତନ ଆତ୍ମା କମିଟି ଅଧ୍ୟକ୍ଷ ବରୋଦା ପ୍ରସାଦ ରାୟ ପ୍ରମୁଖ ଯୋଗଦେଇ ବନ୍ଧୁମିଳନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ ପୂର୍ବତନ ଛାତ୍ର ସଂସଦ ସଭାପତି ତାପସ ଦାସ, ଓମ୍‌ପ୍ରକାଶ ନାୟକ, ବାପିନା ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ। ଜାମୁଗାଁ ପଞ୍ଚାୟତର ଯୁବନେତା ଦିଲୀପ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୬ରୁ ବାଳିକାଙ୍କ ପାଇଁ ନିଯୁକ୍ତି ସମ୍ବନ୍ଧୀୟ ପରାମର୍ଶ ଶିବିର



ପ୍ରସ୍ତୁତି ବୈଠକରେ ଜିଲାପାଳ ପାରୁଲ ପଟୱାରି ଓ ଅନ୍ୟମାନେ।

ଜଗତ୍‌ସିଂହପୁର ଅଫିସ, ୧୨।୨

### ୧୫ରୁ ୨୮ ବର୍ଷର ଝିଅମାନେ ସୁଯୋଗ ପାଇବେ

୧୫ରୁ ୨୮ ବର୍ଷର ଝିଅମାନଙ୍କ ବୈଷୟିକ ଶିକ୍ଷା, ବୃତ୍ତିଗତ ତାଲିମ ଓ ନିଯୁକ୍ତି ସଂକ୍ରାନ୍ତୀୟ ପରାମର୍ଶ ଶିବିର ଆସନ୍ତା ୧୬ରୁ ୨୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଜିଲାର ବିଭିନ୍ନ ବ୍ଲକର ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଏହି ଶିବିରମାନ ଆୟୋଜନ ହେବ। ଏଥିରେ ଦଶମ ଶ୍ରେଣୀ, ଯୁକ୍ତ ୨ ଦ୍ୱିତୀୟ ବର୍ଷ, ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀଙ୍କ ସମେତ ମାଟ୍ରିକ, ଯୁକ୍ତ ୨ ଓ ଯୁକ୍ତ ୩ରେ କୃତକାର୍ଯ୍ୟ ହୋଇଥିବା ବାଳିକାମାନେ ଯୋଗଦେଇ ନିଯୁକ୍ତି ସମ୍ବନ୍ଧୀୟ ପରାମର୍ଶ ନେଇପାରିବେ। ଏନେଇ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଏକ ପ୍ରେସ୍ ଇସ୍ତାହାରରେ ଏହି ସୂଚନା ଦିଆଯାଇଛି । ଏଥିରେ ଉଲ୍ଲେଖ ଅଛି, ଝିଅମାନେ ନିଜର ରୁଚି ମୁତାବକ ସରକାରୀ ଆଇଟିଆଇ, ସରକାରୀ ପଲିଟେକନିକ୍, ବିଶ୍ୱ ଦକ୍ଷତା କେନ୍ଦ୍ରରେ କିପରି ମାଗଣାରେ ନିଯୁକ୍ତିଭିତ୍ତିକ ତାଲିମ ପାଇପାରିବେ ସେ ବାବଦରେ ଅବଗତ ହୋଇପାରିବେ। ଆଶାୟୀମାନେ ଧାର୍ଯ୍ୟ ତାରିଖରେ ସକାଳ ୧୧ଟା ବେଳେ ନିଜ ଆଧାର କାର୍ଡର ନକଲ ସହ ଶିବିରରେ ଉପସ୍ଥିତ ରହିବା ଆବଶ୍ୟକ। ଏ ସମ୍ବନ୍ଧୀୟ ପ୍ରସ୍ତୁତି ବୈଠକରେ ଜିଲାପାଳ ପାରୁଲ ପଟୱାରି ପୌରୋହିତ୍ୟ କରି ଏହି ନିଷ୍ପତ୍ତି ଶୁଣାଇଛନ୍ତି। ୧୬ରେ ନାଉଗାଁ ହାଟ ବାଳିକା ଉଚ୍ଚ ବିଦ୍ୟାଳୟ, ୨୦ରେ ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ, ୨୧ରେ ପାରାଦୀପ ମହାବିଦ୍ୟାଳୟ, ୨୨ରେ ରାହାମାସ୍ଥିତ ସାରଳା ମହାବିଦ୍ୟାଳୟ, ୨୩ରେ ଏରସମା ବ୍ଲକ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, ୨୪ରେ ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ ଓ ୨୭ରେ ବିରିଡ଼ି ବ୍ଲକ ଅନ୍ତର୍ଗତ ଅଳକା ମହାବିଦ୍ୟାଳୟରେ ଏହି ଶିବିର ଆୟୋଜନ କରାଯିବ।

# ଜିଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ପୁରୀ ବିଜୟୀ

ପାରାଦୀପ,୧୨।୨(ସ୍ୱ.ପ୍ର.)

ପାରାଦୀପ ମଧୁବନ ଏନ୍‌ଏସି ଗ୍ରାଉଣ୍ଡରେ ରବିବାର ଜିଲାସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟକୁ ପାରାଦୀପ ୟୁଥ କ୍ଲବ ଓ ଡାଇମଣ୍ଡ କ୍ରିକେଟ କ୍ଲବ ମିଳିତ ଭାବେ ଆୟୋଜନ କରିଛନ୍ତି। ପାରାଦୀପ ବନ୍ଦର ସ୍ପୋର୍ଟ୍ସ କାଉନ୍‌ସିଲର ସଭାପତି ଡି.ଏନ୍ ସୋନ୍ଧି ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୮ ଟି ଜିଲାର କ୍ରିକେଟ ଟିମ୍ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ମ୍ୟାଚ ପୁରୀ ଶୋଭନିୟର କ୍ରିକେଟ କ୍ଲବ ଓ ଯାଜପୁର ଗୋଲକୁଣ୍ଡା କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପୁରୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୧୭୬ ରନ କରିଥିଲା। ଜବାବରେ ଯାଜପୁର ୧୪୯ ରନରେ ଅଲଆଉଟ ହୋଇଯାଇଥିଲା। ପୁରୀର ଭାଗିରଥି ବେହେରା ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ।




ଅତିଥିଙ୍କଠାରୁ ଭାଗୀରଥି ବେହେରା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।

# ମଧୁ ଚଢ଼ା, ଧର୍ମେନ୍ଦ୍ର ମିଶ୍ର, ଦୀପ୍ତିମୟୀ ବେହେରା ଚାମ୍ପିୟନ




ଅତିଥିଙ୍କ ଗହଣରେ ଟ୍ରଫି ସହ କୃତୀ କ୍ରୀଡ଼ାଯୋଗୀମାନେ।

ପାରାଦୀପ,୧୨।୨ (ସ୍ୱ.ପ୍ର.)

### ୨୨ ତମ ଆମନ୍ତ୍ରଣୀୟ ଗଲ୍ଫ ଟୁର୍ଣ୍ଣାମେଣ୍ଟ

ପାରାଦୀପ ଗଲ୍ଫ ପଡିଆରେ ରବିବାର ୨୨ ତମ ଆମନ୍ତ୍ରଣୀୟ ଗଲ୍ଫ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଛି। ଏଥିରେ ଦେଶର ପୂର୍ବାଞ୍ଚଳ ରାଜ୍ୟର ୭ ଗଲ୍ଫ କ୍ଲବରୁ ୭୦ ଜଣ ଭାଗ ନେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମହିଳା ବର୍ଗରେ ମଧୁ ଚଢ଼ା, ପୁରୁଷ ବର୍ଗରେ ଧର୍ମେନ୍ଦ୍ର ମିଶ୍ର ଓ ଶିଶୁ ବର୍ଗରେ ଦୀପ୍ତିମୟୀ ବେହେରା ଚାମ୍ପିୟନ ହୋଇଛନ୍ତି। ସେହିପରି ଭିନ୍ନକ୍ଷମ ବର୍ଗର ୦ ରୁ ୧୬ ପିନରେ ଅକ୍ଷୟ ସୂତାର,୧୭ ରୁ ୨୪ ପିନରେ ଦୀପକ ଷଡ଼ଙ୍ଗୀ ବିଜେତା ହୋଇଛନ୍ତି। ପାରାଦୀପ ବନ୍ଦର ସ୍ପୋର୍ଟ୍ସ କାଉନ୍‌ସିଲ ପକ୍ଷରୁ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ବନ୍ଦର ଉପାଧ୍ୟକ୍ଷ ଆଶିଷ କୁମାର ବୋଷ ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ମଧୁବନ ଅଫିସର୍ସ କ୍ଲବ ଠାରେ ପୁରସ୍କାର ବିତରଣ କରାଯାଇଥିଲା। ସେଥିରେ ପାରାଦୀପ ଗଲ୍ଫ କ୍ଲବ ସଭାପତି ଡି.ଏନ. ସୋନ୍ଧି, ଡା. ଦୁର୍ଗାପ୍ରସାଦ ସେଠୀ ଓ ରଞ୍ଜନ ରଶ୍ମି ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

# ୬୯୭୯ ମାମଲାରୁ ୨୧୯୩ ଫଇସଲା

ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

■ ଆଦାୟ ହେଲା ୧ କୋଟି ୮୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା

ଜଗତ୍‌ସିଂହପୁର ଅଫିସ, ୧୨।୨

ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଚଳିତବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲା କୋର୍ଟ, ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ସମେତ କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର ଓ ଏରସମା କୋର୍ଟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଜିଲା କୋର୍ଟ ଓ ଶ୍ରୀକୃଷ୍ଣ ଏକାଡେମୀରେ ଅନୁଷ୍ଠିତ ଅଦାଲତରେ ଭାରପ୍ରାପ୍ତ ଜିଲା ଓ ଦୌରାଜଜ୍ ତଥା ଅତିରିକ୍ତ ଜିଲା ଜଜ୍ ରାଜଶ୍ରୀ ମହାପାତ୍ର ପୌରୋହିତ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିବାର ଅଦାଲତ ଜଜ୍ ଭଗବାନ ପ୍ରଧାନ, ପ୍ରାଧିକରଣ ସଚିବ ସୁନନ୍ଦା ପାଢ଼ୀ, ସବଜଜ୍ ସୁଦୀପ୍ତା ଦେହୁରି, ମହିଳା କୋର୍ଟ ଜଜ ରଶ୍ମିତା ସାହୁ, ସିଭିଲ କୋର୍ଟସ୍ ରେଜିଷ୍ଟ୍ରାର ସୁଦୀପା ପାତ୍ର, ସବ ଜଜ୍ (ଏଲ୍‌ଆର୍) ଅଭୟ କୁମାର ଦାସ, ଏସ୍‌ଡିଜେଏମ୍ ବିଷ୍ଣୁ ପ୍ରସାଦ ଦେବତା, ମୁନସିଫ ନିରଞ୍ଜନ ଦାସ, ଜେଏମ୍‌ଏଫ୍‌ସି ମଲ୍ଲିକା ଗୋଏଙ୍କା ପ୍ରମୁଖ ଯୋଗଦେଇ ମାମଲାଗୁଡ଼ିକର ପରିଚାଳନା କରିଥିଲେ। ଦୁର୍ଘଟଣାଜନିତ ମକଦ୍ଦମା ବିଚାର ପାଇଁ ଉଦ୍ଦିଷ୍ଟ ବେଞ୍ଚରେ ପବ୍ଲିକ ପ୍ରସିକ୍ୟୁଟର ନଳିନୀକାନ୍ତ ମହାରଣା, ଆଇନଜୀବୀ ଧୀରେନ୍ଦ୍ରନାଥ ଆଚାର୍ଯ୍ୟ ଓ ଶଲ୍ୟ ବିଭାଗ ଡାକ୍ତର ସିଦ୍ଧାର୍ଥ ଶଙ୍କର ମହାନ୍ତି ସଭ୍ୟ ଭାବେ ମକଦ୍ଦମା ପରିଚାଳନା କରିଥିଲେ।



ଜିଲା କୋର୍ଟ ଓ ଶ୍ରୀକୃଷ୍ଣ ଏକାଡେମୀରେ ଆୟୋଜିତ ଲୋକ ଅଦାଲତ।

ଏହି ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରାଧିନ ମକଦ୍ଦମା ଯଥା ଫୌଜଦାରୀ (ସାଲିସଯୋଗ୍ୟ), ଚେକ ବାଉନ୍ସ, ବ୍ୟାଙ୍କ ଋଣ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବୈବାହିକ ବିବାଦ, ରାଜସ୍ୱ ମାମଲା ସମେତ ଅନ୍ୟାନ୍ୟ ଦେୱାନି ମକଦ୍ଦମା ଓ ଜିଲାରେ ଥିବା ବ୍ୟାଙ୍କ ମାମଲା ସମ୍ବନ୍ଧୀୟ ପ୍ରାକ ମକଦ୍ଦମାଗୁଡ଼ିକର ଫଇସଲା ହୋଇଥିଲା। ଜିଲାରେ ଥିବା ମୋଟ ୩୧୪୮ ମାମଲା ମଧ୍ୟରୁ ୨୦୭୫ ସଫଳତାର ସହିତ ଫଇସଲା ହେବା ସହ ୧ କୋଟି ୬୨ ଲକ୍ଷ ୮୭ ହଜାର ୬୦୧ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ବ୍ୟାଙ୍କ ମାମଲା ସମ୍ବନ୍ଧୀୟ ପ୍ରାକ ମକଦ୍ଦମାରେ ୩୮୩୧ଟି ମାମଲାରୁ ୧୧୮ଟି ଫଇସଲା ହୋଇ ୨୧ ଲକ୍ଷ ୫ ହଜାର ୨୯୦ ଟଙ୍କା ଋଣ ଆଦାୟ କରାଯାଇଥିଲା। ଏହିପରି ମୋଟ ୬୯୭୯ ମାମଲା ମଧ୍ୟରୁ ୨୧୯୩ଟି ଫଇସଲା କରାଯାଇ ୧ କୋଟି ୮୩ ଲକ୍ଷ ୯୨ ହଜାର ୮୯୧ ଟଙ୍କା ସଂଗ୍ରହ କରାଯାଇଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ରୁବି ଚକ୍ଷୁ ଚିକିତ୍ସାଳୟ, ସ୍ନାତକୋତ୍ତର ଅନୁଷ୍ଠାନର ପ୍ରତିଷ୍ଠା ଦିବସ

ବ୍ରହ୍ମପୁର ଅଫିସ,୧୧।୨ : ରୁବି ଚକ୍ଷୁ ଚିକିତ୍ସାଳୟ ଓ ସ୍ନାତକୋତ୍ତର ଅନୁଷ୍ଠାନର ୧୪ତମ ପ୍ରତିଷ୍ଠା ଦିବସ ଶନିବାର ଗୋବିନ୍ଦ ବିହାରଠାରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଡା. ବି. ନାଗେଶ୍ୱର ସୁବୁଦ୍ଧି ଓ ନିର୍ଦ୍ଦେଶକ ଡା.ପ୍ରବୀଣ ସୁବୁଦ୍ଧିଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ପି.ସି. ସାହୁ, ପ୍ରଫେସର ଏ.ସି. ପାଢ଼ୀ, ଡା. ରବି କୁମାର ଶତପଥୀ, ଡା. ଅଜିତ ବାବୁ, ଡା ବି.ଏନ୍. ଗୁପ୍ତା, ଡା. ଜୟଶ୍ରୀ ଦୋରା ଓ ଡା. ପ୍ରମୋଦ ଭେଣ୍ଡେ ଯୋଗ ଦେଇଥିଲେ। ଅତିଥିମାନେ ଅନୁଷ୍ଠାନର କାର୍ଯ୍ୟଶୈଳୀ, ଚିକିତ୍ସା ସେବା ପ୍ରଦାନ ତଥା ଜନସଚେତନତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ନେଇ ପ୍ରଶଂସା କରିଥିଲେ। ଏହି ଚିକିତ୍ସାଳୟ ଗରିବ ରୋଗୀଙ୍କୁ ସ୍ୱଳ୍ପ ତଥା ସୁଲଭ ମୂଲ୍ୟରେ ଯୋଗାଇ ଆସୁଥିବା ଉନ୍ନତ ମାନର ଚକ୍ଷୁ ଚିକିତ୍ସା ସୁବିଧାକୁ ବଜାୟ ରଖିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ପୂର୍ବାହ୍ନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୩୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

### ଭୀଷ୍ମଗିରି ଶ୍ରୀ ରାମଜୀ ମଠ ମହନ୍ତଙ୍କ ଶ୍ରାଦ୍ଧବାର୍ଷିକ

ଦିଗପହଣ୍ଡି,୧୨।୨(ଡି.ଏନ.ଏ.) : ଓଡ଼ିଶାର ସର୍ବପୁରାତନ ଶ୍ରୀରାମ ମନ୍ଦିର ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମ ସ୍ଥିତ ରାମଜୀ ମଠର ସପ୍ତମ ମଠାଧୀଶ ଦିବଙ୍ଗତ ମହନ୍ତ କେଶବ ରାମାନୁଜ ଦାସଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମଠ ପରିସରରେ ଥିବା ଦିବଙ୍ଗତ ମହନ୍ତ ମହାରାଜଙ୍କ ସମାଧି ପୀଠରେ ପୂଜାର୍ଚ୍ଚନା ହୋମ କର୍ମ, ଭଜନ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଗଞ୍ଜାମ ଜିଲାର ବିଭିନ୍ନ ମଠ ମନ୍ଦିରରୁ ୩୫ରୁ ଉର୍ଦ୍ଧ୍ୱ ମହନ୍ତ ମହାରାଜ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଗଞ୍ଜାମ ଗଜପତି ଜିଲାର ବିଭିନ୍ନ ସ୍ଥାନରୁ ୫ ଶହରୁ ଉର୍ଦ୍ଧ୍ୱ ଶିଷ୍ୟ ବର୍ଗ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଦିବଙ୍ଗତ ଗୁରୁଦେବଙ୍କ ସ୍ମୃତି ଚାରଣ କରିଥିଲେ। ଦିବଙ୍ଗତ ମହନ୍ତ ଶ୍ରୀ କେଶବ ରାମାନୁଜ ଦାସ ଭୀଷ୍ମଗିରିଠାରେ ଶ୍ରୀରାମଜୀ ମହାବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ ଆଦି ପ୍ରତିଷ୍ଠା କରିବା ସହିତ ଗଞ୍ଜାମ ଜିଲାର ବିଭିନ୍ନ ଧର୍ମ ନୈତିକ କାର୍ଯ୍ୟର ପୃଷ୍ଠପୋଷକ ଥିଲେ। ମହନ୍ତଙ୍କ ଏହି ଶ୍ରାଦ୍ଧ ମହୋତ୍ସବରେ ଯୋଗ ଦେଇ ସାଧୁସନ୍ଥ ଏବଂ ଶିଷ୍ୟ ବର୍ଗ ପୂଜ୍ୟଗୁରୁ ଦିବଙ୍ଗତ ମହନ୍ତ ମହାରାଜ ଶ୍ରୀ କେଶବ ରାମାନୁଜ ଦାସଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ରାମଜୀ ମଠ ମହନ୍ତ ମହାରାଜ ଶ୍ରୀ ପଦ୍ମଲୋଚନ ରାମାନୁଜ ଦାସ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମହିଳାଙ୍କ ମୃତଦେହ ଜବତ

ଡାବୁଗାଁ,୧୨।୨(ଡି.ଏନ.ଏ.) ଡାବୁଗାଁ ବ୍ଲକ ସଦର ସ୍ଥିତ ସାଗୁଆନ ଜଙ୍ଗଲରୁ ଜଣେ ମହିଳାଙ୍କ ଗଳିତ ମୃତଦେହ ପୋଲିସ ଜବତ କରିଛି। ସେ ହେଲେ ଡାବୁଗାଁ ବ୍ଲକ ସଦର ସ୍ଥିତ ଗ୍ରାମର ରତନ ଜାନୀଙ୍କ ସ୍ତ୍ରୀ ଆଶାଇ(୪୫)। ଗତ ରବିବାର ସେ ଘରୁ କେଉଁଆଡ଼େ ଚାଲି ଯାଇଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ। ଆଶାଇଙ୍କ ମାନସିକ ସ୍ଥିତି ଠିକ୍ ନ ଥିଲା। ରବିବାର ସାଗୁଆନ ଜଙ୍ଗଲ ମଧକୁ କେତେଜଣ ବ୍ୟକ୍ତି ଶୌଚ ପାଇଁ ଯାଇଥିବାବେଳେ ମହିଳାଙ୍କ ମୃତଦେହ ଦେଖି ଗାଁରେ ଜଣାଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଦାବି ଜଣାଇଲେ କନିଷ୍ଠ ଶିକ୍ଷକ

ପାରଳାଖେମୁଣ୍ଡି,୧୨।୨(ଡି.ଏନ୍.ଏ.)


କନିଷ୍ଠ ଶିକ୍ଷୟିତ୍ରୀ, ଶିକ୍ଷକମାନେ।

ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ଗୋଷାଣୀ ବ୍ଲକ ଗଜପତିର ସମସ୍ତ କାର୍ଯ୍ୟରତ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ଚୁକ୍ତିଭିତ୍ତିକ ଉଚ୍ଛେଦ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ପୋଷ୍ଟକାର୍ଡ ଜରିଆରେ ଦାବି ଜଣାଇଛନ୍ତି । ବ୍ଲକର ସମସ୍ତ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀମାନେ ଏକତ୍ରିତ ହୋଇ ରବିବାର ପାରଳାଖେମୁଣ୍ଡି ମୁଖ୍ୟ ଡାକଘରକୁ ଆସି ଦାବି ସମ୍ବଳିତ ପୋଷ୍ଟକାର୍ଡ ପୋଷ୍ଟ କରିଥିବାର ଦେଖିବାକୁ ମିଳିଥିଲା। ସଂଘର ଜିଲା ସଭାପତି ପି. ଶ୍ରବଣକୁମାର ଓ ଉପସଭାପତି ପି. ଶଙ୍କରରାଓଙ୍କ ନେତୃତ୍ୱରେ ସଂଘର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଦାବି ସମ୍ବଳିତ ପୋଷ୍ଟକାର୍ଡ ପକାଇଥିଲେ। ସେମାନେ ଜଣାଇଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଓଡିଶା ମାଟିରୁ ଚୁକ୍ତିଭିତ୍ତିକ ଯୁଗ ଶେଷ ଘୋଷଣା କରିବାର ୪ମାସ ବିତିଗଲାଣି। କିନ୍ତୁ ଆଜି ମଧ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରାୟ ୧୦ ହଜାର କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ସ୍ୱଳ୍ପ ଦରମାରେ ଚୁକ୍ତିଭିତ୍ତିକରେ ରହିଛନ୍ତି। ରାଜ୍ୟରେ ୫୭ ହଜାର କର୍ମଚାରୀମାନଙ୍କ ଚୁକ୍ତିଭିତ୍ତିକ ଉଚ୍ଛେଦ ହେଲା କିନ୍ତୁ ଚୁକ୍ତିଭିତ୍ତିକ ପ୍ରଥା ଉଚ୍ଛେଦ କରିନାହାନ୍ତି। ବହୁବାର ଆଲୋଚନା ପରେ ମୁଖ୍ୟଶାସନ ସଚିବ କେନ୍ଦ୍ର ସ୍କିମ କହି ମନା କଲାବେଳେ କେତେକ ବିଭାଗର ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ମାନ୍ୟତା ଦିଆଯାଇଛି। ପ୍ରାଥମିକ ଶିକ୍ଷା ଏବଂ କନିଷ୍ଠ ଶିକ୍ଷକଙ୍କ ପାଇଁ କାହିଁକି ଅବହେଳା କରାଯାଇଛି ତାହା ବୁଝିହେଉନି ବୋଲି ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଚାହିଁଲେ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ସମସ୍ୟାର ସମାଧାନ ହୋଇପାରିବ ବୋଲି ଜଣାଇଛନ୍ତି । ଭାରତୀୟ ସମ୍ବିଧାନ ଧାରା ୩୦୯ ପ୍ରକାରେ ନିୟମ ପ୍ରଣୟନ ବା ପରିବର୍ତ୍ତନ କରାଯାଇପାରିବ ବୋଲି ଉଲ୍ଲେଖ କରିଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଆମ୍ଭମାନଙ୍କ ସମସ୍ୟା ସମାଧାନରେ ତୁରନ୍ତ ହସ୍ତକ୍ଷେପ କରନ୍ତୁ ବୋଲି ପ୍ରଥମ ପର୍ଯ୍ୟାୟରେ ପୋଷ୍ଟକାର୍ଡ ପ୍ରେରଣ କରିଛୁ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ତଥା ସୋମବାର ଇ-ମେଲ ଜରିଆରେ ପୁଣିଥରେ ଦାବି ସମାଧାନ ଦିଗରେ ଜଣାଇବୁ। ଯଦି ସରକାରଙ୍କ ତରଫରୁ କୌଣସି ସକାରାତ୍ମକ ନିଷ୍ପତ୍ତି ନ ଆସେ, ତା'ହେଲେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏକଜୁଟ ହୋଇ ପ୍ରତିବାଦର ସ୍ୱର ପଞ୍ଚାୟତ ସ୍ତରରୁ ରାଜଧାନୀ ପର୍ଯ୍ୟନ୍ତ ଉଠାଯିବ ଏବଂ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ଚେତାବନୀ ଦେବା ସହ ଏଥିପାଇଁ ଆଇନଶୃଙ୍ଖଳା ପରିସ୍ଥିତି ଉପୁଜିଲେ ସରକାର ହିଁ ଦାୟୀ ରହିବେ ବୋଲି ସୂଚାଇଛନ୍ତି।

# ବ୍ଲକରେ ବିଷ ପିଇଥିବା ଜିପିଓଙ୍କ ମୃତ୍ୟୁ

ଭଞ୍ଜନଗର/ସୋରଡ଼ା,୧୨।୨ (ଡି.ଏନ୍.ଏ.)

**୩ ମାସ ପରେ ଚାକିରିରୁ ଅବସର ନେଇଥା'ନ୍ତେ**



ବିଷ ପିଇ ଗୁରୁତର ଥିବା ଭଞ୍ଜନଗର ବ୍ଲକର ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ଅଧିକାରୀ (ଜିପିଓ) ପ୍ରମୋଦ ପଟ୍ଟନାୟକଙ୍କ ରବିବାର ମୃତ୍ୟୁ ଘଟିଛି। ସେ ଗତ ୧ ତାରିଖରେ ବିଷ ପିଇ ଗୁରୁତର ହୋଇଥିଲେ। ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଚାକିରିରୁ ଅବସର ନେବା ପୂର୍ବରୁ ଜିପିଓଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ନାନା କଥା ଉଠୁଥିବା ବେଳେ ଭଞ୍ଜନଗର ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ପ୍ରମୋଦ ଭଞ୍ଜନଗର ବ୍ଲକରେ ଦୀର୍ଘଦିନ ହେଲା କାର୍ଯ୍ୟରତ ଥିଲେ। ଗତ ପ୍ରାୟ ୨ ବର୍ଷ ହେବ ସେ ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ଅଧିକାରୀ ଦାୟିତ୍ୱରେ ରହିଥିଲେ। ୩ ମାସ ପରେ ପ୍ରମୋଦ ଅବସର ନେବାକୁ ଥିବାବେଳେ ତାଙ୍କର ଅନ୍ୟତ୍ର ବଦଳି ହୋଇଥିଲା।

ଗତ ଜାନୁୟାରୀ ୩୦ ତାରିଖରେ ଏଠାରୁ ବଦଳି ହୋଇ ଛତ୍ରପୁର ମୁଖ୍ୟ କାର୍ଯ୍ୟାଳୟକୁ ଯାଇଥିଲେ। ଗତ ୧ ତାରିଖରେ ଭଞ୍ଜନଗର ବ୍ଲକରେ ଦାୟିତ୍ୱ ହସ୍ତାନ୍ତର କରିବା ପରେ ବ୍ଲକ ବାହାରକୁ ଚାଲି ଯାଇଥିଲେ। ଏହାର କିଛି ଘଣ୍ଟା ପରେ ପୁଣି ବ୍ଲକକୁ ଆସି ଏକ ରୁମରେ ବସିଥିଲେ। ସେ ସମୟରେ ବିଡିଓ ଶଶିଭୂଷଣ ମହାପାତ୍ର ବ୍ଲକ ସମ୍ମିଳନୀ କକ୍ଷରେ ଏକ ବୈଠକରେ ଥିବା ବେଳେ ଜଣେ ଭାଜପା କର୍ମୀ ତାଙ୍କୁ ଫୋନ କରି ପ୍ରମୋଦ ବିଷ ପିଇଦେଇଥିବା ଜଣାଇଥିଲେ। ବିଡିଓ ତୁରନ୍ତ ଆସି ପ୍ରମୋଦଙ୍କୁ ମେଡିକାଲକୁ ପଠାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ବ୍ରହ୍ମପୁର ବଡ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ନିଜ ଗ୍ରାମ ସୋରଡାରେ ଅନ୍ତିମ ସତ୍କାର କରାଯାଇଛି।

# ବାଲିଗୁଡା ଏନ୍ଏସିର ବଡାଖାନା କାର୍ଯ୍ୟକ୍ରମ



ମଞ୍ଚାସୀନ ନେତୃବୃନ୍ଦ।

ବାଲିଗୁଡ଼ା,୧୨।୨(ଡି.ଏନ୍.ଏ.)

ବାଲିଗୁଡ଼ା ଏନ୍ଏସି ଦ୍ୱାରା ବଡାଖାନାର ଆୟୋଜନ କରାଯାଇଥିଲା। ଏ ନେଇ ସ୍ଥାନୀୟ ସଭାଗୃହଠାରେ ଏକ ସଭା କରାଯାଇଥିଲା। ମୁଖ୍ୟ ଅତିଥୀ ଭାବେ ସ୍ଥାନୀୟ ବିଧାୟକ ଚକ୍ରମଣୀ କହଁର, ସମ୍ମାନୀତ ଅତିଥି ଏମ୍‌ପି ପ୍ରତିନିଧି ତଥା ବିଜେଡି ସଭାପତି ଚୁନା ଦାସ, ଜିଲାପରିଷଦ ଅଧକ୍ଷା ନନ୍ଦିନୀ ମଳିକ, ଉପଜିଲାପାଳ ତଥା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍ଏସ୍ ମଧୁମିତା, ଉପଖଣ୍ଡ ଆରକ୍ଷୀ ଅଧିକାରୀ ରୋହିତ ବର୍ମା,ଏନ୍ଏସି ଅଧକ୍ଷ ଗୋବିନ୍ଦ ପ୍ରଧାନ, ଉପାଦକ୍ଷା ଶାନ୍ତି ନାୟକ, ବିଧାୟକ ପ୍ରତିନିଧି ଅବନି ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଜଗନ୍ନାଥଙ୍କୁ ପୁଷ୍ପମାଲ୍ୟ ଦେବା ପରେ ଅଧକ୍ଷ ଗୋବିନ୍ଦ ପ୍ରଧାନ ଏହି ସଭାର ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ କାଉଁସିଲର ଉପସ୍ଥିତ ଥିବା ବେଳେ ଏନ୍ଏସିର କର୍ମଚାରୀ ମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଟ୍ରାକ୍ଟରରୁ ବ୍ୟାଟେରି ଚୋରି ଅଭିଯୋଗ

ବୁଗୁଡ଼ା,୧୨।୨(ଡି.ଏନ.ଏ.)

ବୁଗୁଡ଼ା ଏନ୍ଏସି ଅନ୍ତର୍ଗତ ଶକ୍ତିନଗର ସାହିରେ ଥିବା ଏକ ଟ୍ରାକ୍ଟରରୁ ବ୍ୟାଟେରି ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଶନିବାର ରାତିରେ ଶକ୍ତିନଗର ବାସିନ୍ଦା ସୂର୍ଯ୍ୟ ନାରାୟଣ ସାହୁଙ୍କ ଟ୍ରାକ୍ଟର ତାଙ୍କର ଘର ପାଖ ମୁଖ୍ୟ ସଡ଼କ କଡରେ ରଖାଯାଇଥିଲା। ସକାଳେ ଟ୍ରାକ୍ଟର ଷ୍ଟାର୍ଟ ନ ହେବାରୁ ଦେଖିଲା ବେଳକୁ ବ୍ୟାଟେରୀକୁ କେହି ଦୁର୍ବୃତ୍ତ ଚୋରି କରି ନେଇଯାଇଥିବା ଜଣାପଡିଥିଲା। ଏ ନେଇ ସୂର୍ଯ୍ୟଙ୍କ ମା' ରାଜଲକ୍ଷ୍ମୀ ସାହୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି। ତେବେ ସହରରେ ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ସିସିଟିଭି କ୍ୟାମେରା ଲାଗିଥିଲେ ହେଁ କ୍ୟାମେରା ନଜରରେ ଆସୁନଥିବା ଅଞ୍ଚଳ ଚୋରଙ୍କ ଟାର୍ଗେଟରେ ରହିଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

# ଡକାୟତି ଯୋଜନା ପଣ୍ଡ, ୪ ଗିରଫ

ବେଗୁନିଆପଡ଼ା,୧୨।୨

ଗଞ୍ଜାମ ଜିଲା ବେଗୁନିଆପଡ଼ା ଥାନା ଅନ୍ତର୍ଗତ ତିରିଡା ରାସ୍ତାର ପାଣିଟାଙ୍କି ନିକଟରେ ୪ଜଣ ଯୁବକ ଡକାୟତି ପାଇଁ ଯୋଜନା କରୁଥିବା ବେଳେ ପୋଲିସ ଗିରଫ କରିଛି। ସେମାନେ ହେଲେ ଯାଜପୁର ଜିଲା ଜାଖପୁରା ଦାସମଣିଆ ଗ୍ରାମର ସୁନୀଲ ପ୍ରଧାନ (୨୩), ବିଜୟ ପ୍ରଧାନ (୨୫), ସଞ୍ଜୟ ପ୍ରଧାନ(୨୩) ଓ ସୁନୀଲ ପ୍ରଧାନ (୩୩)। ଏମାନଙ୍କ ନାମରେ ବୌଦ୍ଧ, ବଡଗଡ, କଳିଙ୍ଗ ନଗର ଓ ସୋରଡ଼ା ଥାନାରେ ବହୁ ମାମଲା ରହିଛି। ଗିରଫ ଅଭିଯୁକ୍ତମାନଙ୍କୁ କେସ ନଂ. ୪୩/୨୩ରେ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ବେଗୁନିଆପଡା ଥାନା ଏସ୍ଆଇ ସଂଗ୍ରାମ ଦେଉରୀ। ଅଭିଯୁକ୍ତମାନଙ୍କ ନିକଟରୁ ବିଭିନ୍ନ ମାରଣାସ୍ତ୍ର, ଦୁଇଟି ବାଇକ୍ ସମେତ ମଦ ବୋତଲ ଏବଂ ସିଗାରେଟ ଜବତ କରାଯାଇଛି।

# ସମର୍ପଣ ଦିବସରେ ଭାଜପାର ବୈଠକ


ବୈଠକ ଭାଜପା ନେତା ପ୍ରତ୍ୟୁଷା ରାଜେଶ୍ୱରୀ ଓ ଅତିଥିମାନେ।

ନୟାଗଡ଼ ଅଫିସ,୧୨।୨:

ଦୀନଦୟାଲ ଉପାଧ୍ୟାୟଙ୍କ ପୁଣ୍ୟତିଥି ସମର୍ପଣ ଦିବସ ଅବସରରେ ଏକ ବୈଠକ ପୁରୁଣା ରାଜବାଟୀଠାରେ ଶନିବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଭାଜପା ନେତ୍ରୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂଙ୍କ ଆହ୍ୱାନକ୍ରମେ କୁମାର ରାଉତରାୟଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ୧୫୦୦ରୁ ଅଧିକ କର୍ମୀ ଯୋଗ ଦେଇଥିଲେ। ଏଥିରେ ଚନ୍ଦ୍ରବିଜୟୀ ମିଶ୍ର ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ଜୀବନୀ ଉପରେ, ରଞ୍ଜନ କୁମାର ପଣ୍ଡା ଶିକ୍ଷା ଉପରେ ଟିପଣି ଦେଇଥିଲେ। ସେହିଭଳି ସନ୍ତୋଷ ପ୍ରଧାନ ମେଡିକାଲ କଲେଜ ଓ ଟିନିକଲ ସମ୍ବନ୍ଧରେ ମତ ରଖିଥିବାବେଳେ ନୃସିଂହ ଚରଣ ମହାପାତ୍ର କୃଷି ଉପରେ ଚାଷୀଙ୍କ ଅଭାବ ଅସୁବିଧା ଉପରେ ମତ ରଖିଥିଲେ। ଦିଲୀପ ସେଠୀ ଯୁବ ସଶକ୍ତିକରଣ, ରାମହରି ଚୌଧୁରୀ ଧାନ ମଣ୍ଡି ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଉପରେ କହିଥିଲେ। ବସନ୍ତ ପଟ୍ଟନାୟକ ଆଇନ ଶୃଙ୍ଖଳା, ଧରିତ୍ରୀ ସେଠୀ ମହିଳା ସଶକ୍ତିକରଣ, ଆରତୀ ଗୌଡ ମହିଳା ସଙ୍ଗଠନ, ସୁବାସ ପଟ୍ଟନାୟକ ଅଭିଯୋଗ ଶୁଣାଣି ଉପରେ ଆଲୋକପାତ କରିଥିଲେ। କୃପାସିନ୍ଧୁ ଗୌଡ ଓ ଅଜୟ କୁମାର ନାୟକ ସଙ୍ଗଠନ ଉପରେ, ନସିର ଅହମ୍ମଦ, ପ୍ରହ୍ଲାଦ ବରାଡ, ସୌମ୍ୟ ରଞ୍ଜନ ପ୍ରଧାନ, ଅଚ୍ୟୁତାନନ୍ଦ ପଣ୍ଡା, ପ୍ରମୋଦ କୁମାର ଦାସ ପ୍ରମୁଖ ଦଳର ଆଭିମୁଖ୍ୟ ଓ ତୃଣମୂଳସ୍ତରରେ ଭାରତୀୟ ଜନତା ପାର୍ଟିର ସ୍ଥିତି ଉପରେ କହିଥିଲେ। ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ଇଟିରି ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ପାଳ ଓ ବାଲୁଗାଁ ପଞ୍ଚାୟତର ୨୦ରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ରାଣୀ ମା'ଙ୍କ ନେତୃତ୍ୱ ଉପରେ ଆସ୍ଥା ରଖି ଭାଜପାରେ ମିଶିଥିଲେ। କାର୍ଯ୍ୟକ୍ରମକୁ ସିନ୍ଦୁରିଆ ସରପଞ୍ଚ ପ୍ରମୋଦ କୁମାର ବେହେରା, ଚମ୍ପତିପୁର ସରପଞ୍ଚ ଅମର ପ୍ରସାଦ ସାଥୁଆ, ଗମ୍ଭାରିଡିହି ସମିତିସଭ୍ୟ ହରିଶ ଚନ୍ଦ୍ର ପଣ୍ଡା, ଗମ୍ଭାରିଡିହି ସରପଞ୍ଚ ଉଷାରାଣୀ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ।

# କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

କବିସୂର୍ଯ୍ୟନଗର,୧୨।୨(ଡି.ଏନ୍.ଏ.):

କବିସୂର୍ଯ୍ୟନଗର ବନଦେବୀ ପାଟଣାସ୍ଥିତ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ପବ୍ଲିକ ସ୍କୁଲର ୪ର୍ଥ ବାର୍ଷିକୋତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ବିଭାଗ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ମୁଖ୍ୟବକ୍ତା ଆସିକା ବିଜ୍ଞାନ କଲେଜ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଭୟ କେଶରୀ ପରିଛା ପଟ୍ଟନାୟକ, ସମ୍ମାନିତ ଅତିଥି କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ବ୍ଲକ ଅଧକ୍ଷା ଜ୍ୟୋତିର୍ମୟୀ ସ୍ୱାଇଁ, ଏନ୍ଏସି ଅଧକ୍ଷା ଏସ୍. ଲକ୍ଷ୍ମୀ ସେଠୀ, ଉପାଧକ୍ଷ ବିକ୍ରାନ୍ତ କୁମାର ସାହୁ, ସାମାଜିକ କର୍ମୀ ଜି. ଶମ୍ଭୁଲିଙ୍ଗମ ଆଚାରୀ, ଆସିକା ବାଣିଜ୍ୟ ବିଭାଗ ମୁଖ୍ୟ କେଦାରନାଥ ପଣ୍ଡା, ସୁରଥ ପ୍ରଧାନ ଓ ସେବାନିବୃତ୍ତ ଶିକ୍ଷକ ରଞ୍ଜିତ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ। ଏହାକୁ ସଂଯୋଜନା କରିଥିଲେ ସ୍କୁଲ ପ୍ରତିଷ୍ଠାତା ତଥା ସ୍କୁଲ ଅଧକ୍ଷ ବିଦେଶୀ ଖଟେଇ। ସ୍କୁଲ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବାବୁଭାଇ କ୍ରିକେଟ ଟୁର୍ନାମେଣ୍ଟ: ବୈଦ୍ୟେଶ୍ୱର କ୍ରିକେଟ ଟିମ୍ ଚାମ୍ପିୟନ


ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

ଭାପୁର, ୧୨।୨ (ଡି.ଏନ.ଏ.)

ଭାପୁର ବ୍ଲକ ଅଧୀନ ନିମାଣି ଗାଁରେ ଚାଲିଥିବା ଦ୍ୱିତୀୟ ବାବୁଭାଇ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାନପୁର, କଟକ, ଖୋର୍ଦ୍ଧା, ବୈଦ୍ୟେଶ୍ୱର, ନିମାଣୀ, ଖଣ୍ଡପଡ଼ା, ନୟାଗଡ଼ ଓ ମାଣିବନ୍ଧ ଦଳକୁ ନେଇ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ସମସ୍ତଙ୍କୁ ପଛରେ ପକାଇ ନିମାଣୀ ଓ ବୈଦ୍ୟେଶ୍ୱର ଫାଇନାଲରେ ପ୍ରବେଶ କରିଥିଲେ। ବୈଦ୍ୟେଶ୍ୱର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରୀତ ୨୦ ଓଭରରେ ୮ ଉଇକେଟ ହରାଇ ୨୧୩ ରନ କରିଥିଲା। ଜବାବରେ ନିମାଣୀ ଦଳ ୧୯ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୨୯ କରି ରନର୍ସ ହୋଇଥିଲା। ବୈଦ୍ୟେଶ୍ୱର ୮୪ ରନରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଫାଇନାଲ ମ୍ୟାଚରେ ଚାମ୍ପିୟନ ଦଳର ଅଧିନାୟକ ପ୍ରଶାନ୍ତ ବେହେରା ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ମନୋଜ ମଲ୍ଲିକ ମ୍ୟାନ ଅଫ୍ ଦି ସିରିଜ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ପବିତ୍ର କୁମାର ସ୍ୱାଇଁ ଓ ବାଲୁଙ୍କେଶ୍ୱର ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ସ୍କୋରର ଗୌରାଙ୍ଗ ଚରଣ ସେଠୀ ସହାୟତା କରିଥିଲେ। ଖେଳର ଧାରା ବିବରଣୀ ପଞ୍ଚାନନ ମହାପାତ୍ର ଓ ବ୍ରଜବନ୍ଧୁ ବେହେରା ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ, ଫତେଗଡ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା, ସ୍ଥାନୀୟ ସରପଞ୍ଚ ସୁଧାଂଶୁ ଶେଖର ସ୍ୱାଇଁ, ଆର୍ତ୍ତବନ୍ଧୁ ବେହେରା ଯୋଗଦେଇଥିଲେ। ସେମାନେ ଚାମ୍ପିୟନ ବୈଦ୍ୟେଶ୍ୱର ଦଳକୁ ଟ୍ରଫି ସହ ୧୫ ହଜାର ଟଙ୍କା ଓ ନିମାଣୀ ଦଳକୁ ରନର୍ସ ଟ୍ରଫି ସହ ୧୦ହଜାର ଟଙ୍କା ପ୍ରଦାନ କରିଥିଲେ।

# ଅନୁଗୋଳକୁ ହରାଇ ଭୁବନେଶ୍ୱର ଚାମ୍ପିୟନ

ଖଣ୍ଡପଡ଼ା,୧୨।୨(ସ୍ୱ.ପ୍ର)



ଚାମ୍ପିୟନ ଭୁବନେଶ୍ୱର ଦଳକୁ ଅତିଥିମାନେ ଟ୍ରଫି ପ୍ରଦାନ କରୁଛନ୍ତି।

**ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ**

ଖଣ୍ଡପଡ଼ା ସ୍ପୋର୍ଟସ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପରିସରରେ ଚାଲିଥିବା ୪ର୍ଥ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ୍ ଫୁଟବଲ ଟୁର୍ନାମେଣ୍ଟର ରବିବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଗଣ୍ଡରପୁର ଫୁଟବଲ ଟିମ୍ ୨-୦ ଗୋଲରେ ପତାକା କ୍ଲବ ଅନୁଗୋଳକୁ ପରାସ୍ତ କରି ଚାମ୍ପିୟନ ହୋଇଛି। ମୁଖ୍ୟ ଅତିଥି ରୂପେ ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ସମ୍ମାନିତ ଅତିଥି ଭାବେ ଯାତ୍ରା ଜଗତର ଖଳନାୟକ କଳାକାର ଦୈତାରୀ ପଣ୍ଡା, ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ସମେତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ। ମ୍ୟାଚକୁ ବ୍ରହ୍ମାନନ୍ଦ ଭୋଇ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନ୍‌ରେ ସୁଦୀପ ଦାଶ ଓ ପ୍ରିୟବ୍ରତ ବାହିନୀପତି ସହାୟତା କରିଥିଲେ। ୪ର୍ଥ ରେଫରି ଭାବେ ସୁବାସ ଚନ୍ଦ୍ର ବେହେରା ଦାୟିତ୍ୱ ତୁଲାଇ ଥିଲେ। ମହେନ୍ଦ୍ର କୁମାର ବାରିକ ଖେଳର ଧାରା ବିବରଣୀ ଦେଇଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ସ୍ପୋର୍ଟସ ଏକାଡେମୀ ପକ୍ଷରୁ ଅତିଥିମାନଙ୍କ ଦ୍ୱାରା ଚାମ୍ପିୟନ ଭୁବନେଶ୍ୱର ଟିମ୍‌କୁ ୧୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ ପତାକା କ୍ଲବକୁ ୧୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଅଞ୍ଚଳବାସୀ ଓ ଯୁବକ ସଂଘର କର୍ମକର୍ତ୍ତାଙ୍କ ସହଯୋଗରେ ଚଳିତବର୍ଷ ଫୁଟବଲ ଟୁର୍ନାମେଣ୍ଟ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଥିବାରୁ ବିଶିଷ୍ଟ କ୍ରୀଡାବିତ ଭିକାରୀ ଖଣ୍ଡାୟତ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଫାଇନାଲରେ ଗ୍ୟାଲେକ୍ସି ମୁଣ୍ଡମରାଇ ବିଜୟୀ

ଧରାକୋଟ,୧୨।୨(ଡି.ଏନ୍.ଏ.)


ଉଦ୍‌ଯାପନୀ ସଭାରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

**ଚିତ୍ତରଞ୍ଜନ ମେମୋରିଆଲ ଟ୍ରଫି**

ଧରାକୋଟ ମିନି ଷ୍ଟାଡିୟମରେ ଦୀର୍ଘ ୧୫ଦିନ ଧରି ଚାଲିଥିବା ଚିତ୍ତରଞ୍ଜନ ମେମୋରିଆଲ ଟ୍ରଫିର ଫାଇନାଲ ଦିବସର ଖେଳ ମୁଣ୍ଡମରାଇ ଗ୍ୟାଲେକ୍ସି ଇଲେଭେନ ଓ ଚେର ମାରିଆ ଡେଲିସିୟସ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଚେର ମାରିଆ ଦଳ ୧୨୮ ରନ୍ କରିଥିଲା ବେଳେ ମୁଣ୍ଡମରାଇ ଦଳ ୩ ଉଇକେଟ ହରାଇ ଆବଶ୍ୟକ ରନ୍ କରି ବିଜୟୀ ଘୋଷିତ ହୋଇଥିଲେ। ଆଜିର କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀ ସମ୍ମାନିତ ଅତିଥି ରୂପେ, ଜିଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ, ବିଜେଡି ବ୍ଲକ ସଭାପତି ସଞ୍ଜୟ ପାତ୍ର, ଡା .ବିମଳ ପ୍ରସାଦ ପଟ୍ଟନାୟକ, ସରପଞ୍ଚ ପୁନିଆ ଦାସ, ପୂର୍ବତନ ସରପଞ୍ଚ ଦିଲୀପ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପ୍ରତାପ ସ୍ୱାଇଁ, ସରପଞ୍ଚ ପ୍ରତିନିଧି ଲିଟୁ ଭୂୟାଁ ଓ ପ୍ରମୋଦ ମହାରଣା ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ୟଙ୍ଗ୍ କ୍ରିକେଟ କ୍ଲବର ସଭାପତି ସୁନିଲ କୁମାର ଗୌଡ଼ ପରିଚାଳନା କରିଥିବା ବେଳେ ଖବରଦାତା ବିଷ୍ଣୁ କେଶରୀ ଆଚାର୍ଯ୍ୟ ସଂଯୋଜନା କରିଥିଲେ। ବିଜୟୀ ଦଳର ଉମା ପ୍ରଧାନଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମକୁ ୟଙ୍ଗ କ୍ରିକେଟ କ୍ଲବର ସଦସ୍ୟ ଦିଲୀପ ପ୍ରଧାନ ଓ ବାପୁନି ସ୍ୱାଇଁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ ପ୍ରଦାନ କରିଥିଲେ। ଅମ୍ପାୟର ଭାବେ ମୀନକେତନ ସ୍ୱାଇଁ ଓ ଅଶ୍ୱିନୀ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ପ୍ରଶାନ୍ତ କୁମାର ଡାକୁଆ ଦାୟିତ୍ୱ ତୁଲାଇଥିଲେ।

